Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୦୪
Volum. - 22 ■ Issue No.- 04
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୨୮ ନଭେମ୍ବର - ୦୪ ଡିସେମ୍ବର ୨୦୨୧ / 28 Nov. - 04 Dec. 2021 / Odia Weekly / 8 Pages / Rs.2/- only

## ବନ୍ଦ ହେବାର ନାଁ ନେଉନାହିଁ ଦାଦନ ଶ୍ରମିକ ଚାଲାଣର ସୁଅ

କଂଟାବାଂଜି, (କେପିଏନ୍‌ଏସ୍) : ବନ୍ଦ ହେବାର ନାଁ ନେଉନାହିଁ ଦାଦନ ଶ୍ରମିକ ଚାଲାଣ ସୁଅ । ଜୋର୍‌ସୋର୍ ଚାଲିଛି ବେପାର । ଶ୍ରମିକ ସର୍ଦ୍ଦାରମାନେ ଏବେ ବେଧଡ଼କ୍ ଶ୍ରମିକ ଚାଲାଣରେ ଲାଗି ପଡ଼ିଥିବା ବେଳେ ମାଳ ମାଳ ସରକାରୀ ଯୋଜନା ବିଫଳ ହୋଇଥିବା ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେଭଳି କିଛି ଦାଦନ ଶ୍ରମିକ ଚାଲାଣ ରୋକିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉଥିବା ନଜର୍‌କୁ ଆସୁନାହିଁ । ପ୍ରତ୍ୟହ ଟ୍ରେନ୍ ତଥା ବସ୍ ଗୁଡ଼ିକରେ ଦାଦନ ଶ୍ରମିକ ଚାଲାଣ ଜାରି ରହିଥିବା ଦେଖିବାକୁ ମିଳୁଛି । କଂଟାବାଂଜି ରେଳ ଷ୍ଟେସନରେ ରାତ୍ରି ସମୟରେ ଲାଗୁଛି ଦାଦନ ଶ୍ରମିକ ଚାଲାଣ ମେଳା । ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରମିକଙ୍କ ହାତରେ କାମ ନାହିଁ । ପେଟ ପୋଷିବା ପାଇଁ ପନ୍ଥା ନାହିଁ । ମନରେଗା ଯୋଜନାରେ କାମ କଲେ ବି ଅନେକ କ୍ଷେତ୍ରରେ ଠିକ୍ ସମୟରେ ପାଉଣା ମିଳୁନାହିଁ । ଦାଦନ ସର୍ଦ୍ଦାରମାନେ ଏହି ସୁଯୋଗକୁ ହାତଛଡ଼ା ନ କରି ମେଳେଇ ଦେଇଛନ୍ତି ତାଙ୍କ ଶ୍ରମିକ ଚାଲାଣ ବେପାର । ବସ୍, ଟ୍ରେନ୍ ଯୋଗେ ପ୍ରତ୍ୟହ ଶ୍ରମିକ ଚାଲାଣ ହେଉଥିବା ବେଳେ ଚୁପ୍ ବସିଛି ପ୍ରଶାସନ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି । କାଁ ଭାଁ କେଉଁଠି କେମିତି ବେଆଇନ ଭାବେ ଚାଲାଣ ହେଉଥିବା କିଛି ଶ୍ରମିକଙ୍କୁ ଉଦ୍ଧାର କରିଦେଇ ନିଜ ଦାୟିତ୍ୱ ସମାପ୍ତ କରୁଥିବା ବେଳେ ପ୍ରଶାସନ ଦାଦନ ଶ୍ରମିକ ଚାଲାଣର ସୁଅକୁ ବନ୍ଦ କରିବାରେ ଏକ ପ୍ରକାର ବିଫଳ ହୋଇଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ ।

ପ୍ରତିବର୍ଷ ବଲାଙ୍ଗିର ଜିଲ୍ଲାରୁ ଲକ୍ଷାଧିକ ଶ୍ରମିକ ଚାଲାଣ ହେଉଥିବା ବେଳେ ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିକୁ ବଳବତ୍ତର କରିବା ପାଇଁ ନାନା ପ୍ରକାର ମାଳ ମାଳ ସରକାରୀ ଯୋଜନା ପ୍ରଣୟନ କରିଛନ୍ତି ସରକାର । କିନ୍ତୁ ଦୁଃଖର ବିଷୟ ଯେ, ଏହି ଯୋଜନା ସବୁ ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ନଯିବା ପାଇଁ କୌଣସି ପ୍ରକାର ଖୋରାକ୍ ଯୋଗାଇ ପାରୁନାହିଁ । ପଡ଼ୋଶୀ ରାଜ୍ୟରୁ ଇଟାଭାଟି ମାଲିକମାନେ ଆସି ଏବେ ବେଲପଡ଼ା, କଂଟାବାଂଜି ଅଂଚଳରେ ଡେରା ପକାଇଥିବା ମଧ୍ୟ ଜଣାପଡୁଛି । କିନ୍ତୁ ପ୍ରଶାସନର ଅପାରଗତା ଯୋଗୁଁ ଶ୍ରମିକ ଚାଲାଣକାରୀ ସର୍ଦ୍ଦାର ଯେଭଳି ବିନ୍‌ଦାସ୍, ଏହି ଇଟାଭାଟି ମାଲିକମାନେ ମଧ୍ୟ ସେଭଳି ନିର୍ଭୟରେ ସର୍ଦ୍ଦାରମାନଙ୍କ ମାଧ୍ୟମରେ ଶ୍ରମିକ ଯୋଗାଡ଼ରେ ଲାଗି ପଡ଼ିଛନ୍ତି । ପାଟଣାଗଡ଼, ବେଲପଡ଼ା, କଂଟାବାଂଜି, ତୁରେକେଲା, ଖପ୍ରାଖୋଲ, ଲାଠୋର ଆଦି ଅଂଚଳରୁ ପ୍ରତ୍ୟହ ଶ୍ରମିକ ଚାଲାଣ ଚାଲିଥିବା ସୂଚନା ମିଳୁଛି । ଅନ୍ୟପକ୍ଷରେ କଂଟାବାଂଜି ରେଳ ଷ୍ଟେସନରେ ଦାଦନ ଶ୍ରମିକଙ୍କ ଭିଡ଼ ବେଶ୍ ଜମୁଛି । କିନ୍ତୁ ଏଥିପ୍ରତି ପ୍ରଶାସନର ନଜର ନପଡ଼ିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

## ପ୍ରେମ ପାଇଁ ହତ୍ୟାକାଣ୍ଡ : ରାଜେନ୍ଦ୍ର ୟୁନିଭରସିଟି ପଛପଟରୁ ମୃତଦେହ ଉଦ୍ଧାର ଘଟଣାରେ ଗିରଫ ହେଲେ ଦୁଇ ସାଙ୍ଗ




ବଲାଙ୍ଗିର, (ନିପ୍ର) : ପ୍ରେମ ବ୍ୟାପାରକୁ ନେଇ ଜଘନ୍ୟ ହତ୍ୟାକାଣ୍ଡ । ପ୍ରେମ ପାଇଁ ସାଙ୍ଗକୁ ଡାକି ନେଇ ହତ୍ୟା କରାଯାଇଥିବା ଘଟଣା ଚହଳ ସୃଷ୍ଟି କରିଛି ସାରା ସହରରେ । ହତ୍ୟା କରିଥିବା ଦୁଇ ସାଙ୍ଗ ଶୁଭମ ସିଂ ଓ ଅମିତ ମନହିରାକୁ କାବୁ କରିଛି ବଲାଙ୍ଗିର ପୋଲିସ ।

ରାଜେନ୍ଦ୍ର ୟୁନିଭରସିଟି ପଛପଟରୁ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାସ ହୋଇଥିବା ବେଳେ ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଲୋକଲୋଚନକୁ ଆସିଛି । ମୃତ ଯୁବକ ଜଣକ ସୁଦପଡ଼ାର ବିଶ୍ୱଦେବ ସାହୁ ହୋଇଥିବା ବେଳେ ଦୁଇ ଅଭିଯୁକ୍ତ ଶୁଭମ୍ ଓ ଅମିତ ଖଇରାପଡ଼ାର ବୋଲି ଜଣାପଡ଼ିଛି । ସକପ୍ ରଡ୍ ଓ ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଛି ।

ମିଳିଥିବା ସୂଚନା ଅନୁସାରେ ଅମିତ ଓ ବିଶ୍ୱଦେବର ଜଣେ ଝିଅ ସହ ପ୍ରେମ ସଂପର୍କ ଥିଲା । ଏହାକୁ ନେଇ ଦୁହିଁଙ୍କ ଭିତରେ ପୂର୍ବରୁ ଝଗଡ଼ା ଜାରି ରହିଥିବା କୁହାଯାଇଛି । ତେବେ ବିଶ୍ୱଦେବକୁ ନୃଶଂସ ଭାବେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବାକୁ ଯାଇ ଦୁଇ ଅଭିଯୁକ୍ତ ତାକୁ ଜାଳି ଦେଇଥିଲେ ।

ତେବେ ଏହି ନୃଶଂସ ହତ୍ୟାକାଣ୍ଡର ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି ସୋସିଆଲ୍ ମିଡ଼ିଆରେ । ଘଟିଥିବା ଏହି ଘଟଣାରେ ଅଭିଯୁକ୍ତଙ୍କ ଅମାନବିକତାର ସୀମା ଟପି ଯାଇଥିବା ଅନୁଭବ କରୁଛନ୍ତି ଭାଇରାଲ୍ ହୋଇଥିବା ଭିଡ଼ିଓରେ ସହରବାସୀ । ଏଭଳି ଅପରାଧ ଯେ ଜନସମାଜରେ କେଉଁ ଭଳି ପ୍ରଭାବ ପକାଇବ, ତାହା ଅନୁମାନ ସାପେକ୍ଷ । ଅଭିଯୁକ୍ତ ଦୁହେଁ ଅମିତ୍ ଓ ଶୁଭମ୍ ନୃଶଂସ ଭାବେ ବିଶ୍ୱଦେବଙ୍କୁ ହତ୍ୟା କରିବା ପରେ ତାଙ୍କୁ କିପରି ନିଆଁ ଲଗାଇ ଜାଳୁଛନ୍ତି, ତାର ଭିଡ଼ିଓ ଏବେ ସୋସିଆଲ୍ ମିଡ଼ିଆରେ ଘୁରି ବୁଲୁଛି । ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ଦୃଶ୍ୟ ମଧ ଭିଡ଼ିଓରେ ଦେଖାଯାଇଛି । ଦୁଇ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ବେଳେ ବଲାଙ୍ଗିର ସହରରେ ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏଠାରେ ସୂଚନାଯୋଗ୍ୟ ଯେ, ଏତେ ନୃଶଂସତା ଓ ଅମାନବୀୟତା ପୂରି ରହିଥିବା ସଂପୃକ୍ତ ଭିଡ଼ିଓକୁ ଦର୍ଶାଇବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ ଛାତି ଥରି ଯାଉଥିବା ବେଳେ ଏହା ଜନସମାଜରେ କିଭଳି ପ୍ରଭାବ ପକାଇବ, ତାହା ଅନୁଭବ ସାପେକ୍ଷ । ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବା ଆବଶ୍ୟକ ।

## କାର୍ଯ୍ୟରତ ସାମ୍ବାଦିକଙ୍କୁ ସୁରକ୍ଷା କର୍ମୀଙ୍କ ଆକ୍ରମଣ ଅଭିଯୋଗ




ଅନୁଗୋଳ, (ନିପ୍ର) : ଗତ ଗୁରୁବାର ଅପରାହ୍ନରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ସୁରକ୍ଷା କର୍ମୀଙ୍କ ଦ୍ୱାରା ସ୍ଥାନୀୟ ଦୁଇ ସାମ୍ବାଦିକଙ୍କ ଉପରେ ଆକ୍ରମଣ ହୋଇଥିବା ଘଟଣା ଲୋକଲୋଚନକୁ ଆସିଛି । ସୂଚନା ଅନୁସାରେ ସାମ୍ବାଦିକ ବିକାଶ କୁମାର ସାହୁ (ସମ୍ବାଦ) ଓ ଜ୍ୟୋତିରଞ୍ଜନ ସାହୁ (ଧରିତ୍ରୀ) ଚିକିତ୍ସାଳୟ ୱାର୍ଡ ଭିତରକୁ ଖବର ସଂଗ୍ରହ କରିବାକୁ ଯାଉଥିବା ସମୟରେ ସୁରକ୍ଷା କର୍ମୀ ବାରଣ କରିଥିଲେ । ଏହାକୁ ନେଇ କଥା କଟାକଟି ଆରମ୍ଭ ହୋଇ ହାତାପାଇ ପର୍ଯ୍ୟନ୍ତ ଯିବା ପରେ ଏକ ଅପ୍ରୀତିକର ପରିସ୍ଥିତି ଚିକିତ୍ସାଳୟ ମଧ୍ୟରେ ସୃଷ୍ଟି ହୋଇଥିଲା । ଏ ବାବଦରେ ଅନୁଗୋଳ ଥାନାରେ ଏକ ମାମଲା ମଧ ଦର୍ଜ ହୋଇଥିବା ଜଣାପଡ଼ିଛି । ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଜଣେଇଛନ୍ତି ଯେ, ଘଟଣାର ସତ୍ୟାସତ୍ୟ ଉପରେ ପୋଲିସ ବର୍ତ୍ତମାନ ତଦନ୍ତ କରୁଛି ।

## ପାଟଣେଶ୍ୱରୀ ମନ୍ଦିର ବିବାଦ : ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟୀକରଣ ରଖିଲେ ମଧୁସୂଦନ, କହିଲେ- ଜଣେ ହିନ୍ଦୁ ଇସ୍କନ ଅନୁଷ୍ଠାନ ସହିତ ଜଡ଼ିତ ହେଲେ, ତା'ର ହିନ୍ଦୁତ୍ୱରେ ପରିବର୍ତ୍ତନ ହୁଏନାହିଁ



ବଲାଙ୍ଗିର, (କେପିଏନ୍‌ଏସ୍) : ପାଟଣେଶ୍ୱରୀ ମନ୍ଦିର ବିବାଦକୁ ନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟୀକରଣ ରଖିଛନ୍ତି ପାଟଣେଶ୍ୱରୀ ମନ୍ଦିରର ଅନ୍ୟତମ ସେବାୟତ ମଧୁସୂଦନ ଦିଶ୍ରୀ । ଜଣେ ହିନ୍ଦୁ ଇସ୍କନ ଅନୁଷ୍ଠାନ ସହିତ ଜଡ଼ିତ ହେଲେ, ତା'ର ହିନ୍ଦୁତ୍ୱରେ ପରିବର୍ତ୍ତନ ହୁଏନାହିଁ ବୋଲି ସେ ମତ ରଖିଛନ୍ତି ।

ସେ କହିଛନ୍ତି ଯେ, ମୋର ପିତାଙ୍କ ଦେହାନ୍ତ ପରେ ଅନ୍ୟ ଦୁଇ ଭାଇଙ୍କ ସହିତ ସତ୍ୱାଧିକାର ସୂତ୍ରରେ ମୁଁ ମଧ୍ୟ ମା' ପାଟଣେଶ୍ୱରୀଙ୍କ ପୂଜା ଓ ନୀତିକାନ୍ତି କରିବାର ଅଧିକାର ପ୍ରାପ୍ତ ହୋଇଛି । ମୁଁ ମନ୍ଦିରରେ ପୂଜା କରୁଥିବା ସମୟରେ ଆମର ମଝିଆ ଭାଇ ମହେନ୍ଦ୍ର କୁମାର ଦିଶ୍ରୀଙ୍କ ଦ୍ୱାରା ପ୍ରରୋଚିତ ହୋଇ କେଶରୀୟା ହିନ୍ଦୁ ବାହିନୀର ସଦସ୍ୟ ଓ କିଛି ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରକୁ ଧସେଇ ପଶି ମତେ ଅଣ ହିନ୍ଦୁ ବୋଲି ଆକ୍ଷେପ କରି ଯୁକ୍ତିତର୍କ କରିଥିଲେ । 'ତୁମେ ଇସ୍କନ ଧର୍ମାବଲମ୍ବୀ ହୋଇଥିବା ଯୋଗୁଁ ମା ପାଟଣେଶ୍ୱରୀ ଦେବୀଙ୍କ ପୂଜା କରି ପାରିବ ନାହିଁ' ବୋଲି ଧମକ୍ ଚକମ୍ ଦେଇଥିଲେ । ଗତ ତା୨୫/୧୧/୨୦୨୧ରିଖ ଦିନ କେଶରୀୟା ହିନ୍ଦୁ ବାହିନୀର କିଛି ସଦସ୍ୟ ମତେ ପୂଜା କର୍ମରୁ ବହିଷ୍କାର କରିବା ଉଦ୍ଦେଶ୍ୟରେ

(ଚତୁର୍ଥ ପୃଷ୍ଠା ଦେଖନ୍ତୁ)


## ଚାଲିଗଲେ ମାଟିର ଗର୍ବ ଓ ଗୌରବ ବଲାଙ୍ଗିର ସାମ୍ବାଦିକ ଜଗତର ପିତାମହ ଭୀଷ୍ମ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରା

ବଲାଙ୍ଗିର, (ନିପ୍ର) : ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ଚାଲିଗଲେ ମାଟିର ଗର୍ବ ଓ ଗୌରବ ବଲାଙ୍ଗିର ସାମ୍ବାଦିକ ଜଗତର ପିତାମହ ଭୀଷ୍ମ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରା(୮୪) । ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍‌ରେ ତାଙ୍କ ଦେହାନ୍ତ ଘଟିଛି । ନିକଟରେ ଭୁବନେଶ୍ୱରରେ ତାଙ୍କର ପୋସ୍‌ଷ୍ଟ୍ରେଡ୍ ଅପରେସନ୍ ହେବା ପରେ ବଲାଙ୍ଗିର ଫେରିଥିଲେ । ତଥାପି ଅସୁସ୍ଥତା ଯୋଗୁଁ ଏଇ କିଛି ଦିନ ତଳେ ତାଙ୍କୁ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍‌ର ଆଇସିୟୁ ବିଭାଗରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ବିଧିର ବିଧାନ ସମ୍ମୁଖରେ ଚିକିତ୍ସକଙ୍କ ସମସ୍ତ ପ୍ରଚେଷ୍ଟା ବିଫଳ ହେଲା ଓ ବଲାଙ୍ଗିର ସାମ୍ବାଦିକ ଜଗତର ପିତାମହ ଭୀଷ୍ମ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରା ଆଖି ବୁଜିଦେଲେ । ସ୍ୱର୍ଗତ ବରିଷ୍ଠ ସାମ୍ବାଦିକ ଶ୍ରୀ ବେହେରା ଦୀର୍ଘ ବର୍ଷ ଧରି 'ପ୍ରଜାତନ୍ତ୍ର'ରେ ବଲାଙ୍ଗିର ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟ କରି ବର୍ତ୍ତମାନ କିଛି ବର୍ଷ ହେଲା 'ପ୍ରତିଦିନ' ଖବର କାଗଜରେ ସାମ୍ବାଦିକ ଭାବେ କାର୍ଯ୍ୟରତ ଥିଲେ । ବୟସର ଅପରାହ୍ନ ମଧ ତାଙ୍କୁ ଅଟକାଇ ପାରିନଥିଲା । ସଦାବେଳେ ଚଳଚଂଚଳ ଶ୍ରୀ ବେହେରା ଆତ୍ମୀୟତାର ସହକାରେ ତୁଲାଉଥିଲେ ସାମ୍ବାଦିକତା କର୍ମ । ଯୁବକ ସୁଲଭ କାର୍ଯ୍ୟଦକ୍ଷତା ତାଙ୍କଠାରେ ସ୍ପଷ୍ଟ ଅନୁଭବ କରି ହେଉଥିଲା । ତାଙ୍କ ନିଆରା ସାମର୍ଥ୍ୟ, ଭାବ ଓ ଆବେଗ ସବୁଦିନ ପାଇଁ କାର୍ଯ୍ୟରତ ସାମ୍ବାଦିକଙ୍କ ନିମନ୍ତେ ପ୍ରେରଣାଦାୟୀ ହୋଇରହିବ । ଶ୍ରୀ ବେହେରା ସାମ୍ବାଦିକତା କରିବା ସହ ସାହିତ୍ୟ ଜଗତରେ ମଧ ପାଦ ଦେଇଥିଲେ । ଗପ, କବିତା ତଥା ପ୍ରବନ୍ଧ ରଚନା କରିବା ଦିଗରେ ତାଙ୍କର ବିଶେଷ ରୁଚି ରହିଥିବା ବେଳେ ଜଣେ ନାଟ୍ୟ ଅଭିନେତା ଭାବେ ମଧ ସେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ବହୁଚର୍ଚ୍ଚିତ ତଥା ଆନ୍ତର୍ଜାତୀୟ ପୁରସ୍କାର ପ୍ରାପ୍ତ ଚଳଚିତ୍ର 'ଭୁଖା'ରେ ସେ ଅଭିନୟ କରିଥିଲେ । ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ସେ ପ୍ରତିଷ୍ଠାତା ସଭ୍ୟ ଭାବରେ ସକ୍ରିୟ ରହିଥିବା ବେଳେ ବଲାଙ୍ଗିର ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସେ ପ୍ରତିଷ୍ଠାତା ସଦସ୍ୟ ତଥା ଉପଦେଷ୍ଟା ଦାୟିତ୍ୱ ନିର୍ବାହ କରୁଥିଲେ । ତାଙ୍କ ଚିନ୍ତା, ଚେତନା ତଥା ସାଉଁଟିନେବା ପଣ ଯୁବକମାନଙ୍କ ପାଇଁ ଚିରଦିନ ପାଇଁ ଉଦାହରଣ ହୋଇ ରହିବ । ତାଙ୍କ ଦେହାନ୍ତରେ ସାରା ସହରରେ ଶୋକର ଲହରି ଖେଳି ଯାଇଥିବା ବେଳେ ବଲାଙ୍ଗିର ସାମ୍ବାଦିକ ଜଗତରେ ଶୋକର ଛାୟା ଖେଳିଯାଇଛି ।



ଅନେକ ବାଧା ବିଘ୍ନ ସତ୍ତ୍ୱେ ସାମ୍ବାଦିକତାକୁ ନିଜର ସର୍ବୋତ୍କୃଷ୍ଟ ବୃତ୍ତି ଭାବେ ଗ୍ରହଣ କରିଥିଲେ ସ୍ୱର୍ଗତ ଶ୍ରୀ ବେହେରା । ଏକାଧାରରେ ସେ ଥିଲେ ଜଣେ ସାମ୍ବାଦିକ, କବି, ଲେଖକ, ଗବେଷକ, ନାଟ୍ୟକାର ତଥା କଳାକାର । ମା' ବାଗ୍‌ଦେବୀଙ୍କ ଅଶେଷ କରୁଣାରୁ କଳା ସାଧନା କରି ହିଁ ସେ ଜୀବନ ବିତାଇ ପାରିଥିଲେ । ସମସ୍ତଙ୍କୁ ସ୍ନେହ ଶ୍ରଦ୍ଧାର ଡୋରିରେ ବାନ୍ଧି ଆପଣେଇ ନେବା ତାଙ୍କର ଏକ ପରମ ଗୁଣ । ହିଂସା, କପଟ ଭଳି ସାଧାରଣ ମଣିଷ ପ୍ରକୃତି ତାଙ୍କ ପାଖ ମାଡ଼ି ପାରି ନଥିଲା । ହସ ହସ ମୁହଁ ଏବଂ ସବୁବେଳେ ଥଟ୍ଟାଳିଆ ଭାବ ଯୋଗୁଁ ତାଙ୍କର ରହିଥିଲା ସ୍ୱତନ୍ତ୍ର ପରିଚୟ । ଅଧ୍ୟୟନକୁ ବ୍ରତ କରି ଜୀବନ ବଂଚୁଥିବା ଶ୍ରୀ ବେହେରା ଆଜି ଚାଲିଗଲେ ଆରପାରିକୁ । 'କୋଶଳ ପ୍ରବାହ' ପରିବାର ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଂଜଳି ପ୍ରଦାନ କରାଯାଇଛି ।

# ଯଦି ହିନ୍ଦୁମାନେ ହିନ୍ଦୁ ହୋଇ ରହିବାକୁ ଚାହାଁନ୍ତି, ତେବେ ଭାରତର ଅଖଣ୍ଡତା ବଜାୟ ରଖିବା ଆବଶ୍ୟକ : ମୋହନ ଭାଗବତ



ଗୋଆଲିଅର୍ : ରାଷ୍ଟ୍ରୀୟ ସ୍ୱୟଂସେବାକ ସଂଗଠନ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ଶନିବାର ଦିନ କହିଛନ୍ତି ଯେ, ହିନ୍ଦୁସ୍ତାନ ଏକ ହିନ୍ଦୁ ରାଷ୍ଟ୍ର, ଯାହାର ଉତ୍ପତ୍ତି ହିନ୍ଦୁତ୍ୱ । ହିନ୍ଦୁ ଏବଂ ଭାରତ ଅବିଚ୍ଛେଦ୍ୟ । ସେ ଏହା ମଧ କହିଛନ୍ତି ଯେ, ଯଦି ହିନ୍ଦୁମାନେ ହିନ୍ଦୁ ହୋଇ ରହିବାକୁ ଚାହାଁନ୍ତି, ତେବେ ଭାରତର ଅଖଣ୍ଡ ରହିବା ଆବଶ୍ୟକ । ମଧ୍ୟପ୍ରଦେଶର ଗୋଆଲିଅରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଭାଗବତ କହିଛନ୍ତି ଯେ, ହିନ୍ଦୁସ୍ତାନ ଏକ ହିନ୍ଦୁ ରାଷ୍ଟ୍ର ଏବଂ ହିନ୍ଦୁତ୍ୱରୁ ଏହାର ଉତ୍ପତ୍ତି । ହିନ୍ଦୁମାନେ ଭାରତ ସହ ଅବିଭାଜ୍ୟ ଏବଂ ଭାରତ ହିନ୍ଦୁମାନଙ୍କ ସହ ଅବିଭାଜ୍ୟ ।

ସଂଗଠନର ମୁଖ୍ୟ ମୋହନ ଭାଗବତ କହିଛନ୍ତି, ଇତିହାସ ସାକ୍ଷୀ ଅଛି ଯେତେବେଳେ ବି ହିନ୍ଦୁମାନେ ନିଜ ପରିଚୟ ଭୁଲିଯାଆନ୍ତି, ସେତେବେଳେ ଦେଶ ଅସୁବିଧାରେ ପଡ଼ିଛି ଏବଂ ଏହା ଖଣ୍ଡବିଖଣ୍ଡ ହୋଇଯାଇଛି । କିନ୍ତୁ ବର୍ତ୍ତମାନ ହିନ୍ଦୁତ୍ୱର ପୁନରୁତ୍ଥାନ ଆରମ୍ଭ ହେଉଛି ଏବଂ ଭାରତର ପ୍ରତିଷ୍ଠା ସାରା ବିଶ୍ୱରେ ବୃଦ୍ଧି ପାଉଛି । ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି ଏବଂ ଏଥିପାଇଁ ସମାଜର ସମସ୍ତ ବିଭାଗ ଏକତ୍ର କାର୍ଯ୍ୟ କରିବା ଉଚିତ୍ ବୋଲି ସେ କହିଛନ୍ତି ।

# ବଲାଙ୍ଗିର ସଦର ବ୍ଲକରେ ଜନଜାଗରଣ ପଦଯାତ୍ରା




ବଲାଙ୍ଗିର, (ନିପ୍ର) : ପ୍ରଦେଶ କଂଗ୍ରେସ କମିଟିର ଡାକରାରେ ବଲାଙ୍ଗିର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବିଡିଘାଟ ଗ୍ରାମ ପଂଚାୟତଠାରୁ ଚାଣ୍ଡିମୁଣ୍ଡା ପର୍ଯ୍ୟନ୍ତ ସଦର ବ୍ଲକ କଂଗ୍ରେସ କମିଟିର କର୍ମୀମାନଙ୍କୁ ନେଇ ବିଶାଳ ପଦଯାତ୍ରା ଅନୁଷ୍ଠିତ ହେବା ସହ ଯିବା ରାସ୍ତାରେ ପଥପ୍ରାନ୍ତ ସଭାମାନ ଅନୁଷ୍ଠିତ ହୋଇଯାଇଛି । ପରେ ଚାଣ୍ଡିମୁଣ୍ଡାଠାରେ ଶତାଧିକ କଂଗ୍ରେସ କର୍ମୀଙ୍କ ଗହଣରେ ଜନ ଜାଗରଣ ସଭା ସଦର ବ୍ଲକ କଂଗ୍ରେସ କମିଟି ସଭାପତି ରାମ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଉକ୍ତ ସଭାରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦିଲିପ ବେହେରା ଯୋଗଦାନ କରି ବିଜେଡି ସରକାରର ମା'କୁ ସମ୍ମାନର ପମ୍ପା ସ୍ଲୋଗାନର ବ୍ୟାଖ୍ୟା କରି ମମିତା ମେହେର ଘଟଣାରେ କିଭଳି ବିଜେଡି ସରକାର ପକ୍ଷପାତିତା କରୁଛି ବୋଲି ଉଦ୍‌ବୋଧନ ଦେଇଥିବା ବେଳେ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର କେନ୍ଦ୍ର ବିଜେପି ସରକାରକୁ କୃଷି ବିରୋଧୀ, କୃଷକ ବିରୋଧୀ ବୋଲି ବର୍ଣ୍ଣନା କରିବା ସହ କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ଫେଲ ମାରିଛି ବୋଲି ବର୍ଣ୍ଣନା କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ଜୁଲୁ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତି ବଘାର, ପୂର୍ବ ବ୍ଲକ ଅଧ୍ୟକ୍ଷ ଘାସିରାମ ବେହେରା, ଉପସଭାପତି ସରୋଜ ରଥ, ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ରାଧାକାନ୍ତ ଭୋଇ, ଜଗନ୍ନାଥ ପଧାନ, ଆଦିବାସୀ ନେତା ଲୋକନାଥ କୁମୁରା, ମୁରଲି ବାରଲେଣ୍ଡିଆ, ପଙ୍କଜ ମାଲ ପ୍ରମୁଖ ଉଦ୍‌ବୋଧନ ଦେଇଥିବା ବେଳେ ସଦର ବ୍ଲକ କିଷାନ କଂଗ୍ରେସ ଅଧ୍ୟକ୍ଷ ଗଗନ ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।

# ନିଟ୍ ପ୍ରବେଶିକାରେ ପଶ୍ଚିମ ଓଡ଼ିଶା ଟପ୍ପର ସୋମେଶଙ୍କୁ ସମ୍ବର୍ଦ୍ଧନା

## ଶିକ୍ଷାର ବ୍ୟବସ୍ଥା ସୁଦୃଢ ହେଲେ ଅନେକ ଟପର ସୃଷ୍ଟି ହେବେ : ନରସିଂହ




ବଲାଙ୍ଗିର, (ନିପ୍ର) : ଆମେ ଶିକ୍ଷା ଭିତ୍ତିଭୂମିରେ ଅନେକ ପରିବର୍ତ୍ତନ ଆଣିପାରିଛୁ । ପ୍ରାୟତଃ ଶିକ୍ଷାନୁଷ୍ଠାନରେ ଉତ୍ତମ ଶିକ୍ଷାଦାନ ପାଇଁ ଯାହା କିଛି ଭିତ୍ତିଭୂମି ହେଉ କି ଶିକ୍ଷଣୀୟ ଉପକରଣ ହେଉ ତାହା ପାଇ ପାରିଛୁ । ବର୍ତ୍ତମାନ ଏ କ୍ଷେତ୍ରରେ ଆମକୁ ପର୍ଯ୍ୟାପ୍ତ ପରିମାଣରେ ଉତ୍ତମ ଶିକ୍ଷକ, ପ୍ରାଧ୍ୟାପକ ଓ କର୍ମଚାରୀ ନିହାତି ଜରୁରୀ । ଏ ଦିଗକୁ ଆହୁରି ସୁଦୃଢ କରିବାକୁ ପଡିବ ତାହା ହେଲେ ହିଁ ଆମ ଜିଲ୍ଲା ପ୍ରତ୍ୟେକ କ୍ଷେତ୍ର ତାହା ମେଡିକାଲ ହେଉ କି ଇଞ୍ଜିନିୟରିଂ କ୍ଷେତ୍ରରେ ହେଉ ଆମେ ସବୁ କ୍ଷେତ୍ରରେ ଟପର ସୃଷ୍ଟି କରିପାରିବା ବୋଲି ବଲାଙ୍ଗିର ସହର ସ୍ଥିତ ଗାନ୍ଧୀଜୀ କ୍ଲବ ଆନୁକୂଲ୍ୟରେ ନିଟ୍ ପ୍ରବେଶିକାରେ ପଶ୍ଚିମ ଓଡିଶାରେ ଟପର ସ୍ଥାନ ଅଧିକାର କରିଥିବା ସୋମେଶ ଶୁଭମ୍ ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିଜ ଉଦ୍‌ବୋଧନରେ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଶିକ୍ଷା ଭିତ୍ତିଭୂମି ଭଳି ଆମେ ଏ ଅଂଚଳରେ କ୍ରିଡା ଭିତ୍ତିଭୂମିକୁ ମଧ ସୁଦୃଢ କରିବାକୁ ଯାଉଛି । ପ୍ରତ୍ୟେକ ସ୍କୁଲ କଲେଜମାନଙ୍କରେ ଖେଳପଡିଆ ସାଙ୍ଗକୁ ଏକ ଉତ୍ତମ ଶିକ୍ଷା ଗ୍ରହଣର ପରିବେଶ କରାଯାଉଛି । ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିବା ପାଇଁ ଆଗକୁ ଆହୁରି ଅନେକ ଯୋଜନା ଅଛି ବୋଲି ସେ କହିଥିଲେ । ଶ୍ରୀମାନ୍ ଷଡ଼ଙ୍ଗୀ ବଲାଙ୍ଗିର ସ୍ଥିତ ଲିଟିଲ ଫ୍ଲାୱାର ଓ ଯୁବୋଦୟ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି କେବଳ ପଶ୍ଚିମ ଓଡ଼ିଶା ନୁହେଁ, ବରଂ ସମଗ୍ର ଓଡ଼ିଶାରେ ପ୍ରଥମ ସାତଜଣ ମଧ୍ୟରେ ସ୍ଥାନ ପାଇଛନ୍ତି । ସମୁଦାୟ ୭୨୦ ମାର୍କରୁ ୬୯୦ ମାର୍କ ରଖି ଆଗାମୀ ଦିନରେ ଭୁବନେଶ୍ୱରସ୍ଥିତ ଏମ୍ସରେ ଅଧ୍ୟୟନ କରିବାକୁ ମନସ୍ଥିର କରିଛନ୍ତି । ଶ୍ରୀମାନ୍ ଷଡ଼ଙ୍ଗୀ ତାଙ୍କର ସଫଳତା ପାଇଁ ନିଜ ପିତା ସଂଜୟ କୁମାର ଷଡ଼ଙ୍ଗୀ ମାତା ସ୍ନିଗ୍ଧାରାଣୀ ରଥ ତଥା ଯୁବୋଦୟର ନିର୍ଦ୍ଦେଶକ ଅମ୍ବରୀଶ ଦାଶଙ୍କୁ ଶ୍ରେୟ ଦେଇଛନ୍ତି । ବିଧାୟକ ଶ୍ରୀ ମିଶ୍ର ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ଆଲୋକପାତ କରିଥିଲେ । ପୃଥିରାଜ ହାଇସ୍କୁଲକୁ ପୋଷ୍ୟରୂପେ ଗ୍ରହଣ କରି ତା'ର ବିକାଶ ପାଇଁ ସେ ଚେଷ୍ଟିତ ଅଛନ୍ତି ବୋଲି ପ୍ରକାଶ କରିଥିଲେ । ବଲାଙ୍ଗିରସ୍ଥିତ ମେଡ଼ିକାଲ୍ କଲେଜରେ ସୁପର୍ ସ୍ପେସାଲିଷ୍ଟ ପଦବୀ ପୂରଣ କରିବା ପାଇଁ ଶ୍ରୀ ମିଶ୍ର ବିଧାନ ସଭାରେ ଦାବୀ ମଧ କରିଛନ୍ତି । ଉକ୍ତ ସଭାରେ ଶିବ ପ୍ରସାଦ ଦତ୍ତ, ଉମାକାନ୍ତ ସାହୁ, ନକୁଳ ଅଗ୍ରୱାଲ, ରାମଚନ୍ଦ୍ର ପୁରୋହିତ, ବଳଦେବ ଦାଶ, ବାବୁଲ ବେହେରା, ଟଗଲା ପରିଛା, ଲକ୍ଷ୍ମୀ ପଟ୍ଟନାୟକ, ସୂର୍ଯ୍ୟ କୁମାର ମିଶ୍ର, ପ୍ରଫେସର ସଂଜୀବ ପାଣିଗ୍ରାହୀ, ନରେନ୍ଦ୍ର ମିଶ୍ର, ସୂର୍ଯ୍ୟ ମେହେର, ଭୁଜ ସେଲମା, ଆନନ୍ଦ ବଗର୍ତ୍ତି, ପିଣ୍ଟୁ ଦାନୀ, ଶୁଭେନ୍ଦୁ ସାହୁ ଇତ୍ୟାଦି ଅନେକ ଶିକ୍ଷାବିତ୍ ଅଂଶ ଗ୍ରହଣ କରିଥିଲେ । ସଭାର ଆୟୋଜକ କିଶୋର ଦଣ୍ଡସେନା ସଭା ଶେଷରେ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କଲେ ।

## ସଂପାଦକୀୟ



**ବଲାଙ୍ଗିର ସାମ୍ବାଦିକ ଜଗତର ଭୀଷ୍ମ ପିତାମହ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣଙ୍କୁ ଶ୍ରଦ୍ଧାଂଜଳି ଉଦ୍ଦେଶ୍ୟରେ ଏ ସଂଖ୍ୟାର ସଂପାଦକୀୟ ସ୍ତମ୍ଭ ସମର୍ପିତ ।**

# ସିଏନ୍ସି କ୍ୟାମ୍ପସ୍‌ରେ ନିଯୁକ୍ତି ସାକ୍ଷାତକାର : ୧୧ ଜଣ ଛାତ୍ରଛାତ୍ରୀ ଚାକିରି ପାଇଁ ମନୋନୀତ




ବଲାଙ୍ଗିର, (ନିପ୍ର) : ସିଏନ୍ସି କ୍ୟାମ୍ପସ୍‌ରେ ଗତ ୯ ତାରିଖ ଦିନ ଏକ କନିଷ୍ଠ ହିସାବ ରକ୍ଷକ (ଜୁନିଅର୍ ଏକାଉଣ୍ଟେଣ୍ଟ) ନିଯୁକ୍ତି ସାକ୍ଷାତକାର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୧୧ ଜଣ ଚାକିରି ପାଇଁ ମନୋନୀତ ହୋଇଥିବା ସୂଚନା ମିଳିଛି । ଏହି ସାକ୍ଷାତକାରରେ ଫାଷ୍ଟ କ୍ଲାସ୍ କ୍ୟାରିଅର୍ ଥିବା ୫୭ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣ ଛାତ୍ରଛାତ୍ରୀ ଚାକିରିରେ ଯୋଗଦାନ ପାଇଁ କୃତକାର୍ଯ୍ୟ ହୋଇଛନ୍ତି । କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ହେଲେ ଆଶୁତୋଷ ପଲାଇ, ଆୟୁଷ୍ମାନ ପୂଜାହାରୀ, ଗୋବିନ୍ଦ ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ, ରିଙ୍କି ମେହେର, ରିୟା ଅଗ୍ରୱାଲ, ସଂଗ୍ରାମ କେଶରୀ ସିଂହ, ଶୀତଲ ଅଗ୍ରୱାଲ, ଶ୍ରଦ୍ଧା ଅଗ୍ରୱାଲ, ଏସ୍‌କେ ରବିଉଲ୍ ଇସ୍‌ଲାମ୍ ଏବଂ ସ୍ନିଗ୍ଧା ସାଗରିକା ସାହୁ । କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ଓଡ଼ିଶା ସରକାର ଏବଂ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପ୍ରୋଜେକ୍ଟରେ କନିଷ୍ଠ ହିସାବ ରକ୍ଷକ (ଜୁନିଅର୍ ଏକାଉଣ୍ଟେଣ୍ଟ) ଭାବେ ଯୋଗଦାନ କରିବେ । ସିଏନ୍ସି ପକ୍ଷରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

# ବଲାଙ୍ଗିର ଜିଲ୍ଲା ସଂଗଠନର କାର୍ଯ୍ୟକାରିଣୀ ବୈଠକ ଏବଂ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଏମ୍ଆଇ ବଙ୍ଗଳାରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ରାଜ୍ୟ ସଭାପତି ବିପିନ ଦାସଙ୍କ ଉପସ୍ଥିତିରେ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଗୋପାଲଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବଲାଙ୍ଗିର ଜିଲ୍ଲା ସଂଗଠନର କାର୍ଯ୍ୟକାରିଣୀ ବୈଠକ ଏବଂ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ସମ୍ବୋଧିତ କରି ରାଜ୍ୟ ସଭାପତି ବିପିନ ଦାସ ଦେଶରେ କଠୋର ଜନସଂଖ୍ୟା ଆଇନ ପ୍ରଣୟନ ପାଇଁ ଯୁକ୍ତି ରଖିବା ସହ ବର୍ତ୍ତମାନ ଭାରତର ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ଉତ୍ପନ୍ନ ହେଉଥିବା ସମସ୍ୟା ଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ସନ୍ଧ୍ୟା ୪ଘଣ୍ଟା ସମୟରେ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ବଲାଙ୍ଗିରର ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ସହ ସଭାପତି ଶ୍ରୀ ଦାସ ସଂଗଠନର କାର୍ଯ୍ୟବଳୀ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହ ତାଙ୍କର ସହଯୋଗ କାମନା କରିଥିବା ବେଳେ ସନ୍ଧ୍ୟାର ବୈଠକରେ ବିକ୍ରମାନନ୍ଦ ବହିଦାର, ଇଂ ମଗନଲାଲ ଅଗ୍ରୱାଲ, ନୀଳମଣି ମିଶ୍ର, ବ୍ୟବସାୟୀ ସଂଘର ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, ମନୋରଞ୍ଜନ ସାହୁ, ବିଭୂତି ଭୂଷଣ ପାଣିଗ୍ରାହୀ, ପ୍ରଭାକର ମିଶ୍ର, ଜି ବେହେରାଙ୍କ ସହ ସୋନପୁର ସଂଗଠନର ନବ ଦନ୍ତା, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁରେଶ ମିଶ୍ର ପ୍ରମୁଖ ଯୋଗଦାନ କରି ନିଜ ନିଜର ମୂଲ୍ୟବାନ ମତାମତ ରଖିଥିଲେ । ସଂଗଠନର କାର୍ଯ୍ୟକାରିଣୀ ବୈଠକରେ ମୁନା ପଟ୍ଟନାୟକ, ଶ୍ରୀମତୀ ନିହାରୀକା ମିଶ୍ର, ଅନୁରାଗି ନାହାକ, ନରେଶ ଅଗ୍ରୱାଲ, ସନ୍ତୋଷ କୁମାର ପୋଡ଼, ସୁଦାମ ଧରୁଆ, ଚୂଡାମଣି ବାରିକ, ଦୟାନିଧି ଗଡତିଆ, ସରୋଜ କୁମାର ଦାସ, ପରସୁ ନାୟକଙ୍କ ସହ ଶତାଧିକ କର୍ମକର୍ତ୍ତା ଯୋଗଦାନ କରିଥିଲେ ।

# ମହତାବ ଜୟନ୍ତୀ ପାଳନ ଅବସରରେ କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ ସମାରୋହ



ବରଗଡ଼, (ନିପ୍ର) : ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲ ପରିସର ମଧ୍ୟରେ ମହତାବ ଶିଶୁ ସାହିତ୍ୟ ସଂସଦ ଆନୁକୁଲ୍ୟରେ ମହତାବ ଜୟନ୍ତୀ ଓ 'କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ-୨୦୨୧' ପ୍ରଦାନ ସମାରୋହ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ହରେକୃଷ୍ଣ ମହତାବଙ୍କୁ ନବମ ଉତ୍କଳର ନିର୍ମାତା ଭାବେ ଅଭିହିତ କରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟଙ୍ଗ ସାହିତ୍ୟିକ ମନୋରଞ୍ଜନ ସାହୁ ଓ ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ମହାପୁରୁଷଙ୍କ ଜୀବନୀ ଅଧ୍ୟୟନ ପୂର୍ବକ ନିଜକୁ ଅନୁରୂପ ଭାବେ ଗଢ଼ିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ରୋଟାରୀ ପବ୍ଲିକ ସ୍କୁଲର ଚେୟାରମେନ୍ ରୋଟାରୀୟାନ ସମୟ ଭଟ୍ଟାଚାର୍ଯ୍ୟ, ପୂର୍ବତନ ରୋଟାରୀ କ୍ଲବ ସଭାପତି ରୋଟାରୀୟାନ ଗୋବିନ୍ଦ ଦାଶ ଯୋଗଦାନ କରି ମହତାବଙ୍କ ବହୁମୁଖୀ ପ୍ରତିଭା ବର୍ଣ୍ଣନା ପୂର୍ବକ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନ ଯାପନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ 'କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ-୨୦୨୧'ରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର, ଦିବ୍ୟ କିଶୋର ଦେବତା, ମନୋରଞ୍ଜନ ମେହେର, ଆଲୋକ ସାହୁ, ଅଧ୍ୟାପକ ତିଳକ ରାମ ପ୍ରଧାନ, ସୁପ୍ରଭା ସାମଲ, ସନ୍ତୋଷିନୀ ଦାଶ, ଦୟାନିଧି ମେହେର ପ୍ରମୁଖ ଉପସ୍ଥିତ ଥିଲେ । ନୃତ୍ୟଶିଳ୍ପୀ ବୈଷ୍ଣବୀ ବିର୍ତିଆ, ଆକାଂକ୍ଷା ପଟ୍ଟନାୟକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ସଂସଦର ପ୍ରତିଷ୍ଠାତା ସମ୍ପାଦକ ଶିଶୁ ସାହିତ୍ୟିକ ଡକ୍ଟର ରବିନାରାୟଣ ସାହୁ ଉଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଳିଙ୍ଗାମାଲ ଗ୍ରାମରେ ଅଲେଖ ମହିମା ନାମଯଜ୍ଞ ଅନୁଷ୍ଠିତ



ନୂଆପଡ଼ା, (ନିପ୍ର) : ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଅନ୍ତର୍ଗତ କୁଳିଙ୍ଗାମାଲ ଗ୍ରାମରେ ପରମ୍ପରା ଅନୁଯାୟୀ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଲେଖ ମହିମା ନାମଯଜ୍ଞ ଅନୁଷ୍ଠିତ ହୋଇଅଛି । ନାମଯଜ୍ଞ ବୈଦିକ ଯଜ୍ଞ ତଥା ଅଲେଖ ମହିମା ଧର୍ମଧୁନୀ ପ୍ରଜ୍ୱଳନ ଆଦି କରାଯାଇଥିଲା । ଘୃତବତି ପ୍ରଜ୍ୱଳନ କରାଯିବା ସହ ବ୍ରହ୍ମ ଧ୍ୱନି ସ୍ଥାପନ କରାଯାଇଥିଲା । ଭୋର ସକାଳେ ପୂଜାର୍ଚ୍ଚନା ସଂପନ୍ନ ହୋଇଥିଲା । ଏହି ପବିତ୍ର ମାସର ଶେଷ ଦିବସ ତଥା କାର୍ତିକ ଶୁକ୍ଳପକ୍ଷ ପୂର୍ଣ୍ଣିମା ଦିନ ଏବଂ ମାସ ସାରା ଭାରତ ବର୍ଷରେ ସମସ୍ତ ହିନ୍ଦୁମାନେ ପବିତ୍ର ମାସ ଭାବେ ପାଳନ କରିଥାନ୍ତି । ଏହି ପବିତ୍ର ମାସରେ ଦୀପାବଳୀ, ବଡଓଷା, ଅଁଳାନବମୀ, ଆଦି ପର୍ବଗୁଡିକୁ ଲୋକମାନେ ବଡ ଭକ୍ତି ଓ ଶ୍ରଦ୍ଧା ସହିତ ପାଳନ କରିଥାନ୍ତି । ଏହି ମାସରେ ପଡୁଥିବା ପଞ୍ଚୁକ ବ୍ରତ ବୋଇତ ବନ୍ଦାଣ ଛାଡ଼ଖାଇ ପାଳନ କରିଥାନ୍ତି । ପବିତ୍ର ପାତାଳଗଙ୍ଗାଠାରେ ତଥା ଜିଲ୍ଲାର ପବିତ୍ର ପୀଠସ୍ଥଳୀରେ କାର୍ତ୍ତିକ ମାସ ଶେଷ ଦିବସ ଅର୍ଥାତ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ । ଏହି କାର୍ତ୍ତିକ ପୂର୍ଣ୍ଣିମା ଦିନ ଅଲେଖ ମହିମା ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞ ମହୋତ୍ସବରେ ବହୁତ ଭକ୍ତବୃନ୍ଦ ଓ ସାଧୁସନ୍ଥମାନେ ଯୋଗ ଦେଇଥିଲେ । ଏହି ଅବସରରେ ମହିମା ଆଶ୍ରମ ପରିସରରେ ଭଜନ ଓ ସଂକୀର୍ତନ ସମାରୋହ ହୋଇଥିଲା ।

# ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ



ରାଉରକେଲା, (ନିପ୍ର) : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ରାଜନୀତି ବିଷାରଦ, ସାମ୍ବାଦିକ ଓ ସାହିତ୍ୟ ତ୍ରିବେଣୀଧାରା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୨ତମ ଜୟନ୍ତୀ ସେକ୍ଟର ୫ ଗୁଣ୍ଡିଚା ମନ୍ଦିରଠାରେ ପାଳିତ ହୋଇଯାଇଛି । ସୁନ୍ଦରଗଡ ସାଂସଦ ତଥା ପାର୍ଲାମେଣ୍ଟ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଡଃ ମହତାବଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଡ. ମହତାବ ଥିଲେ ଉଚ୍ଚ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ । ବ୍ୟକ୍ତି ଓ ଅନୁଷ୍ଠାନରୁ ଉର୍ଦ୍ଧ୍ୱରେ ଥିବା ବହୁମୁଖୀ ପ୍ରତିଭାଧାରୀ ବିରଳ ବ୍ୟକ୍ତିତ୍ୱ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବିମଳ ବିଶି, ସୁମନ ଦତ୍ତ, ଆନନ୍ଦ ମହାନ୍ତି, ଆର୍ତ୍ତ ମହାରଣା, ସଦାନନ୍ଦ ସାହୁ, ଧୀରେନ ସେନାପତି, ବିରେନ ସେନାପତି, ଲତିକା ପଟ୍ଟନାୟକ, ଉପେନ୍ଦ୍ର ନାୟକ, ରାଜକିଶୋର ପ୍ରଧାନ, ହରିହର ରାଉତରାୟ, ପି.ପି.ରାୟ, ପଶୁପତିନାଥ ଚାଟାର୍ଜୀ, ନିହାର ରାୟ, ସୁପ୍ରତିକ ମିଶ୍ର, ମନୋରଞ୍ଜନ ଦାଶ, ଡାକ୍ତର ବସନ୍ତ କୁମାର ଦାସ, ଡଲିରାଣୀ ବ୍ରହ୍ମା, ରମେଶ ବଳ, ସତ୍ୟପ୍ରୀୟ ମହାନ୍ତି, ସନ୍ତୋଷ କୁମାର ବିଶ୍ୱାଳ, ମନୋଜ କୁମାର ରାଉଳ, ନଳିନୀକାନ୍ତ ଧର, ସତ୍ୟାନନ୍ଦ ବେହେରା, ମାନସ ପ୍ରୀତମ ରାଉତ, ଭାସ୍କର ଖିଲାର, ବିଶ୍ୱନାଥ ପଟ୍ଟନାୟକ, ସନ୍ତୋଷ ସ୍ୱାଇଁ ପ୍ରମୁଖ ଉତ୍କଳ କେଶରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଜୀବନାଦର୍ଶ ଓ ତ୍ୟାଗପୂତ ଜୀବନୀ ସଂପର୍କରେ ଆଲୋଚନା କରିଥିଲେ ।

# ରାମେଶ୍ୱରମ୍ ଷ୍ଟେସନ୍‌ରେ ଫସିଥିବା ୧୬ ଓଡ଼ିଆଙ୍କୁ ଉଦ୍ଧାର କଲା ଓଡ଼ିଶା ମୋ ପରିବାର

## • ବିମାନ ଯୋଗେ ଫେରିଲେ ୮, ଅନ୍ୟ ୮ ଜଣ ଫେରିବେ



ଭୁବନେଶ୍ୱର, (ନିପ୍ର) : ଓଡ଼ିଶା ବାହାରେ ଦୁର୍ଦ୍ଦଶାଗ୍ରସ୍ତ ଓଡ଼ିଆଙ୍କ ପାଇଁ ସଦାସର୍ବଦା ସହଯୋଗର ହାତ ବଢ଼ାଉଥିବା ଓଡ଼ିଶା-ମୋ ପରିବାରର ଆଉ ଏକ ମହନୀୟ କାର୍ଯ୍ୟ ଚର୍ଚ୍ଚାର ବିଷୟ ହୋଇଛି । ଆନ୍ଧ୍ର ପ୍ରଦେଶରେ ବନ୍ୟା ବିପତ୍ତି ଯୋଗୁଁ ରାମେଶ୍ୱରମ୍ ଷ୍ଟେସନ୍‌ରେ ଫସି ଯାଇଥିବା ୧୬ ଓଡ଼ିଆ ଯାତ୍ରୀଙ୍କୁ ଓଡ଼ିଶା ମୋ ପରିବାର ଉଦ୍ଧାର କରି ବିମାନରେ ଭୁବନେଶ୍ୱର ଏବଂ ଏଠାରୁ ନିଜ ଘରକୁ ଫେରାଇ ଆଣିବାର ବନ୍ଦୋବସ୍ତ କରିଛି । ଅପରାହ୍ନରେ ଇଣ୍ଡିଗୋ ବିମାନ ଯୋଗେ ୮ ଜଣ ଫେରିଥିବା ବେଳେ ଅନ୍ୟ ୮ ଜଣ ଏହାର ପରଦିନ ଫେରିବେ । ଉଦ୍ଧାର ହୋଇଥିବା ଏହି ଓଡ଼ିଆ ଯାତ୍ରୀଙ୍କ ମଧ୍ୟରେ ଅର୍ଦ୍ଧାଧିକ ବୟସ୍କ ବ୍ୟକ୍ତିଙ୍କ ସହ ମହିଳା ଓ ଶିଶୁ ଅଛନ୍ତି । ଘଟଣାରୁ ପ୍ରକାଶ ଯେ, କିଛି ଓଡ଼ିଆ ତୀର୍ଥ ଯାତ୍ରୀ ଦଳ ତାମିଲନାଡୁର ପ୍ରସିଦ୍ଧ ରାମେଶ୍ୱରମ୍ ଭ୍ରମଣରେ ଯାଇଥିଲେ । ତୀର୍ଥ ସାରି ସେଠାରୁ ଗତ ଶନିବାର ଦିନ ଟ୍ରେନ୍ ଯୋଗେ ଓଡ଼ିଶା ଫେରିବାର ଥିଲା । ମାତ୍ର ଆନ୍ଧ୍ର ପ୍ରଦେଶରେ ପ୍ରବଳ ବନ୍ୟା ଯୋଗୁଁ ଅଚାନକ ସବୁ ଟ୍ରେନ୍ ବାତିଲ ହୋଇଯାଇଥିଲା । ତାମିଲନାଡୁ ଏବଂ ଆଖପାଖରୁ ଆଉ କୌଣସି ଟ୍ରେନ୍ ନ ଥିଲା । ଫଳରେ ରାମେଶ୍ୱରମ୍ ଷ୍ଟେସନ୍‌ରେ ଓଡ଼ିଆ ତୀର୍ଥଯାତ୍ରୀମାନେ ଫସି ରହିଥିଲେ । କିଛି ଯାତ୍ରୀ ଅନ୍ୟତ୍ର ନିଜର ରହିବା ଯୋଗାଡ଼ କରିଥିଲା ବେଳେ ୧୬ ଜଣ ଯାତ୍ରୀ କିନ୍ତୁ କୁଆଡ଼େ ଯାଇ ନ ପାରି ଅସହାୟ ଅବସ୍ଥାରେ ଅଟକି ରହିଥିଲେ । ସେମାନଙ୍କ ପାଖରେ ନା ଥିଲା ରହିବାର ସୁବିଧା ନା ଖାଇବାର ସୁବିଧା । ଅତ୍ୟନ୍ତ ଦହନୀୟ ଅବସ୍ଥାରେ ସେଠାରେ ପଡ଼ି ରହିଥିଲେ । ସେମାନଙ୍କ ମଧ୍ୟରେ ଅର୍ଦ୍ଧାଧିକ ଥିଲେ ବୟସ୍କା ମହିଳା ଓ ଶିଶୁ । ଅଧିକାଂଶଙ୍କ ଘର ଗଞ୍ଜାମ ଜିଲ୍ଲା ବୋଲି ଜଣାପଡ଼ିଛି । ଫସି ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ନିହାରିକା ଦାଶ ନାମକ ଜଣେ ଯୁବତୀ ଏହି ଦୁର୍ଦ୍ଦଶା ସମ୍ପର୍କରେ ଗତ ନଭେମ୍ବର ୨୦ ତାରିଖ ସନ୍ଧ୍ୟାରେ ଓଡ଼ିଶା-ମୋ ପରିବାର ଆବାହକଙ୍କୁ ପ୍ରଥମେ ଖବର ଦେଇଥିଲେ । ଆବାହକ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏହା ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏଥିନେଇ ତତ୍ପରତା ପ୍ରକାଶ କରିଥିଲେ । ଓଡ଼ିଶା ମୋ ପରିବାର ଆବାହକଙ୍କ ନିର୍ଦ୍ଦେଶରେ ସଂଗଠନର ଚେନ୍ନାଇ ପ୍ରତିନିଧି(ସଦସ୍ୟ) କ୍ଷୀରୋଦ ଜେନା ଏବଂ ସଦସ୍ୟ ପଞ୍ଚାନନ ଜେନା ଅସହାୟମାନଙ୍କ ପାଖରେ ତୁରନ୍ତ ପହଞ୍ଚି ସେମାନଙ୍କର ରହଣୀ ଓ ଖାଇବାର ସୁବନ୍ଦୋବସ୍ତ କରିଥିଲେ । ସେମାନଙ୍କ ଓଡ଼ିଶା ଫେରନ୍ତା ପାଇଁ ସବୁପ୍ରକାର ବନ୍ଦୋବସ୍ତ କରାଯାଇଥିଲା । ଓଡ଼ିଶା ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ଏସବୁର ସଂଯୋଜନା କରିଥିଲେ । ଆଜି ଅପରାହ୍ନରେ ୮ ଜଣ ଭୁବନେଶ୍ୱରରେ ପହଞ୍ଚିଥିଲେ । ସେମାନଙ୍କୁ ପାଛୋଟି ଆଣିବା ପାଇଁ ବିମାନବନ୍ଦରରେ ଓଡ଼ିଶା ମୋ ପରିବାର ଇନଚାର୍ଜ ବିଧାୟକ ବିକ୍ରମ ପଣ୍ଡା, ଓଡ଼ିଶା ମୋ ପରିବାର ସଦସ୍ୟ ବିଧାୟକ ସୁଶାନ୍ତ ରାଉତ, ଯୁଗ୍ମ ସମ୍ପାଦକ ସମୀର ପ୍ରଧାନ, ବିଜୁ ଯୁବ ଜନତା ଦଳର ସମ୍ପାଦକ ଲଗ୍ନଦୀପା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ସକାଳେ ବିମାନ ଯୋଗେ ଅନ୍ୟ ୮ ଜଣ ଫେରିବେ ।

ଫେରିବାକୁ ଥିବା ଜଣେ ଯୁବକଙ୍କ ସମେତ ୮ ମହିଳା ଚେନ୍ନାଇ ଉପକଣ୍ଠ କାନାତୁର ରେଡିକୁପମ୍ ଠାରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଶ୍ରୟ ନେଇଛନ୍ତି । ସେମାନଙ୍କର ଖାଇବା ପିଇବାଠାରୁ ଆରମ୍ଭ କରି ଯାବତୀୟ ଭଲମନ୍ଦ ବୁଝୁଛନ୍ତି । ଓଡ଼ିଶା ମୋ ପରିବାର ପ୍ରତିନିଧି କ୍ଷୀରେଦ ଜେନା ଏବଂ ପଞ୍ଚାନନ ଜେନା ।

# ମା' ଦୁର୍ଗେଇଖୋଲ ଯାତ୍ରାର ପ୍ରସ୍ତୁତି ବୈଠକ



ପଦ୍ମପୁର, (ନିପ୍ର) : ଆସନ୍ତା ଡିସେମ୍ବର ୧୯ ତାରିଖ ଓ ୨୦ ତାରିଖ ଦୁଇଦିନ ଧରି ହେବାକୁ ଥିବା ଗନ୍ଧମାର୍ଦ୍ଦନ ପାଦଦେଶରେ ମା' ଦୁର୍ଗେଇ ଦେବୀଙ୍କ ପୂଜନୋତ୍ସବ ଉପଲକ୍ଷେ ପାଇକମାଲ ବ୍ଲକ ମିଠାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମନଭଙ୍ଗ ଡେମଠାରେ ନବୀନ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଖପାଖ ତଥା ଏହି ଅଞ୍ଚଳରେ ଥିବା କୁଢେରଫସା, ଲଉଡମାଲ, ନୁଆଗାଁ, ମନମଥପାଲି, ମିଠାପାଲି, ମୋତିପାଲି, ପତ୍ରାପାଲି, ପିପଲଖୁଣ୍ଟା, ବିଜୟନଗର, ଲୁକୁପାଲି ଆଦି ଗ୍ରାମର ଅନେକ ଜନସାଧାରଣ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ । କୋଭିଡ ନିୟମ ପାଳନ କରି ଏହି ଉତ୍ସବ କିପରି ଶାନ୍ତି ଶୃଙ୍ଖଳାର ସହିତ ସୂଚାରୁ ରୂପେ ପାଳିତ ହେବ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଏହି ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଦୁର୍ଗେଇ ଦେବୀଙ୍କ ପୂଜାରୀ ନବୀନ ମଲ୍ଲିକ, ନକୁଳ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକଙ୍କ ସମେତ ପୂଜା ଉତ୍ସବର ପରିଚାଳନା କମିଟି ସଭାପତି ମଧୁସୂଦନ ପାଣ୍ଡେ, ଉପସଭାପତି ପୂର୍ଣ୍ଣ ଭୁଏ, ସଂପାଦକ ବେଣୁଧର ମଲ୍ଲିକ, କୋଷାଧ୍ୟକ୍ଷ ହୀରଣ୍ୟ ମଲ୍ଲିକ, ସଭ୍ୟ ରଣଜିତ ମଲ୍ଲିକ, ସୁରଥ ମଲ୍ଲିକ, ତ୍ରିନାଥ ମଲ୍ଲିକ, ଟିକେଶ୍ୱର ମାହାର, ଗୋଲାପ ଦାସ, ଶୁକ୍ଳୁ ମଲ୍ଲିକ, ରାମେଶ୍ୱର ଧରୁଆ, ରୁବିଧ ଧରୁଆ, ଚିନ୍ତାମଣି ବଗାର, ବୈଦ୍ୟରାଜ ବଜାରୁ ଧରୁଆ, ପୂର୍ବତନ ସରପଞ୍ଚ ପାନାଲାଲ ସେଠ, ବାବୁଲାଲ, ମକରଧ୍ୱଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପୂଜା ଉତ୍ସବ କମିଟି ସଂପାଦକ ସଭାପତିଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ପୁରୁଷ ବନ୍ଧ୍ୟାକରଣ ପକ୍ଷରେ ସଚେତନତା ରଥର ଶୁଭାରମ୍ଭ



ସୁବର୍ଣ୍ଣପୁର, (ନିପ୍ର) : ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ସଂଗୀତା ଚୌଧୁରୀ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ । ଏହି ରଥ ଆଗାମୀ ଆଠ ଦିନ ଯାଏଁ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ବିଭିନ୍ନ ଗ୍ରାମାଞ୍ଚଳରେ ବୁଲି ଲୋକଙ୍କୁ ପୁରୁଷ ବନ୍ଧ୍ୟାକରଣ ଉପରେ ସଚେତନ କରାଇବ । ଏଠାରେ ସୂଚନା ଯୋଗ୍ୟ ଯେ, ନଭେମ୍ବର ୨୧ ତାରିଖରୁ ୨୭ ତାରିଖ ଯାଏଁ ସଚେତନତା ସପ୍ତାହ ପାଳନ କରାଯାଉଥିବା ବେଳେ ନଭେମ୍ବର ୨୮ ତାରିଖରୁ ଡିସେମ୍ବର ୪ ତାରିଖ ଯାଏଁ ସେବା ପ୍ରଦାନ ସପ୍ତାହ ପାଳନ କରାଯାଉଛି । ସଚେତନତା ସପ୍ତାହରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପ୍ରଶିକ୍ଷଣ, ସେକ୍ଟରସ୍ତରରେ ଆଶାମାନଙ୍କୁ ପ୍ରଶିକ୍ଷଣ, ବେନର୍, ପୋଷ୍ଟର ପ୍ରଦର୍ଶନ, ଲିଫଲେଟ୍ ବଣ୍ଟନ, ସ୍ୱାସ୍ଥ୍ୟକାନ୍ଥରେ ବାର୍ତ୍ତା ଲିଖନ, ଘରକୁ ଘର ବୁଲି ବ୍ୟକ୍ତିଗତ ଯୋଗାଯୋଗ ଆଦି ବ୍ୟାପକ ସଚେତନାମୂଳକ ପଦକ୍ଷେପ ନିଆଯିବାର ଯୋଜନା ରହିଛି । ସେବା ପ୍ରଦାନ ସପ୍ତାହରେ ଉପଯୁକ୍ତ ହିତାଧିକାରୀଙ୍କୁ ପୁରୁଷ ପରିବାର ନିଯୋଜନ ସେବା ପ୍ରଦାନ କରିବାର ଯୋଜନା କରାଯାଇଛି । ଏହି ଅବସରରେ ସଚେତନତା ରଥ ଲୋକଙ୍କୁ ପରିବାର ନିଯୋଜନ ସମ୍ବନ୍ଧୀୟ ସୂଚନା ଦେବାରେ ବିଶେଷ ସହାୟକ ହେବ ବୋଲି ବିଚାର କରାଯାଉଛି । କାର୍ଯ୍ୟକ୍ରମଟିକୁ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିବା ବେଳେ ବ୍ଲକ ଆକାଉଣ୍ଟ ମେନେଜର ସୁଜିତ କୁମାର ସାହୁ, ସ୍ୱାସ୍ଥ୍ୟକର୍ମୀ ଅମିତ ପ୍ରଧାନ, ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କୋମନା ପୋଲିସ ଦ୍ୱାରା ୧୧ ଦାଦନ ଶ୍ରମିକ ଉଦ୍ଧାର



ନୂଆପଡା, (ନିପ୍ର) : ବାହାର ରାଜ୍ୟକୁ ଚାଲାଣ ବେଳେ ନୂଆପଡା ଜିଲ୍ଲା କୋମନା ପୋଲିସ ଦ୍ୱାରା ୧୧ ଦାଦନ ଶ୍ରମିକ ଉଦ୍ଧାର କରାଯାଇଛି । ଏମାନଙ୍କ ମଧ୍ୟରେ ୫ ଜଣ ଶିଶୁ ୬ ଜଣ ପୁରୁଷ ଓ ମହିଳା ଅଛନ୍ତି । ଉଦ୍ଧାର ଦାଦନମାନେ କୋମନା ବ୍ଲକ ପେଣ୍ଡରାବନ ପଞ୍ଚାୟତ ପଲସିପାନି ଗାଁର ବୋଲି ସୂଚନା ମିଳିଛି । ଏମାନେ ଏକ ଗାଡିରେ ଲାଠୋର ଯାଇ ସେଠାରୁ ହାଇଦ୍ରାବାଦ ଇଟା ଭାଟିକୁ ଯାଇଥାନ୍ତେ । ଜିଲ୍ଲା ଶ୍ରମ ଅଧିକାରୀଙ୍କ ତଦନ୍ତ ପରେ ଉଦ୍ଧାର ଶ୍ରମିକଙ୍କୁ ନିଜ ଗାଁକୁ ପଠାଇ ଦିଆଯିବ ବୋଲି କୋମନା ପୋଲିସ ସୂଚନା ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ନୌଠାରେ ଆୟୋଜିତ ୫୬ତମ ପୁଲିସ ମହାନିର୍ଦ୍ଦେଶକ/ମହାନିରୀକ୍ଷକ ସମ୍ମିଳନୀରେ ଯୋଗଦାନ



ଲକ୍ଷ୍ନୌ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନଭେମ୍ବର ୨୦- ୨୧ ତାରିଖରେ ଲକ୍ଷ୍ନୌଠାରେ ଆୟୋଜିତ ୫୬ତମ ପୁଲିସ ମହାନିର୍ଦ୍ଦେଶକ/ ମହାନିରୀକ୍ଷକ ସମ୍ମିଳନୀରେ ଯୋଗଦାନ କରିଥିଲେ । ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ/ କେନ୍ଦ୍ରଶାସିତ ପ୍ରଦେଶ ତଥା ସିଏପିଏଫ/ ସିପିଠର ୬୨ଜଣ ମହାନିର୍ଦ୍ଦେଶକ/ ମହାନିରୀକ୍ଷକ ସାମିଏ ହୋଇଥିଲେ । ଏହା ବ୍ୟତୀତ ସାରା ଦେଶର ବିଭିନ୍ନ ରାଜ୍ୟର ପ୍ରାୟ ୪୦୦ରୁ ଅଧିକ ବିଭିନ୍ନ ବରିଷ୍ଠ ଅଧିକାରୀ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ସୂଚନା ବ୍ୟୁରୋ କାର୍ଯ୍ୟାଳୟଠାରେ ଭର୍‌ଚୁଆଲ ମୋଡରେ ସଂଶ୍ଳିଷ୍ଟ ହୋଇଥିଲେ । ଏହି ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତ ପ୍ରକାର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ତଥା ନିଜର ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ସମ୍ମିଳନୀ ପୂର୍ବରୁ ଜେଲା ସଂସ୍କାର, ଆତଙ୍କବାଦ, ବାମପନ୍ଥୀ ଉଗ୍ରବାଦ, ସାଇବର ଅପରାଧ, ମାଦକଦ୍ରବ୍ୟର ଚୋରା ଚାଲାଣ ଓ କାରବାର, ଏନଜିଓମାନଙ୍କ ବିଦେଶୀ ପାଣ୍ଠି, ଡ୍ରୋନ୍ ସମ୍ପର୍କୀତ ପ୍ରସଙ୍ଗ, ସୀମାବର୍ତ୍ତୀ ଗ୍ରାମମାନଙ୍କରେ ବିକ୍ୟା ଆଦି ରାଷ୍ଟ୍ରୀୟ ସୁରକ୍ଷା ସମ୍ପର୍କୀତ ମହତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିର୍ଦ୍ଦିଷ୍ଟ ଭାବେ ଆଲୋଚନା ନିମନ୍ତେ ପୁଲିସ ମହାନିର୍ଦ୍ଦେଶକମାନଙ୍କର ଅନେକ କୋର ଗ୍ରୁପ୍ ଗଠନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଏହି ଆଲୋଚନାରେ ଅଂଶଗ୍ରହଣ କରି ନିଜର ବହୁମୂଲ୍ୟ ମତ ପ୍ରଦାନ କରିଥିଲେ । ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ନିଜର ଅଭିଭାଷଣ ପ୍ରଦାନ କରି ପ୍ରଧାନମନ୍ତ୍ରୀ ପୁଲିସ ବାହିନୀ ସଂପର୍କୀତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ନିଜର ମତ ଓ ପରାମର୍ଶ ପ୍ରଦାନ କରିଥିଲେ । ପୁଲିସ ସଂପର୍କୀତ ବିଭିନ୍ନ ପ୍ରସଙ୍ଗକୁ ବିଶ୍ଳେଷଣ କରି ସେଥିରୁ ଶିକ୍ଷାଲାଭ ପ୍ରକ୍ରିୟାକୁ ସଂସ୍ଥାଗତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ । ଏହି ସମ୍ମିଳନୀକୁ ହାଇବ୍ରିଡ୍ ଢଙ୍ଗରେ ଆୟୋଜନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ । ସେ କହିଲେ ଯେ ଏହା ଫଳରେ ବିଭିନ୍ନ ସ୍ତରର ଅଧିକାରୀମାନଙ୍କ ମଧ୍ୟରେ ସୂଚନା ଆଦାନପ୍ରଦାନ ପ୍ରକ୍ରିୟା ସୁଗମ ହୋଇପାରିବ । ସାରା ଦେଶର ପୁଲିସ ବଳଙ୍କ ପାଇଁ ଲାଭପ୍ରଦ ହେବା ନିମନ୍ତେ ଆନ୍ତଃ- କାର୍ଯ୍ୟକ୍ଷମ ପ୍ରଯୁକ୍ତିର ବିକାଶ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଉଚ୍ଚ ସ୍ତରୀୟ ପୁଲିସ ପ୍ରଯୁକ୍ତି ମିଶନ ଗଠନ କରିବା ନିମନ୍ତେ ମତ ପୋଷଣ କରାଯିବା ନିମନ୍ତେ ସେ ମତ ପ୍ରଦାନ କରି କହିଥିଲେ ଯେ ଏହା ଦ୍ୱାରା ଭବିଷ୍ୟତରେ ପ୍ରଯୁକ୍ତିକୁ କ୍ଷେତ୍ରୀୟ ସ୍ତରର ପୁଲିସ ବଳର ଆବଶ୍ୟକତା ଅନୁରୂପ ଢାଂଚାରେ ପରିବର୍ତ୍ତନ କରାଯାଇପାରିବ । ଜନସାଧାରଣଙ୍କ ଜୀବନରେ ପ୍ରଯୁକ୍ତିର ମହତ୍ୱର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଲେ ଯେ କୋୱିନ୍, ଜିଇଏମ ଏବଂ ୟୁପିଆଇ ଏହାର ଜ୍ୱଳନ୍ତ ନମୁନା । କୋଭିଡ ମହାମାରୀ ପରେ ଲୋକମାନଙ୍କ ମନରେ ପୁଲିସର ବ୍ୟବହାର ପ୍ରତି ଏକ ସକାରାତ୍ମକ ପରିବର୍ତ୍ତନ ଘଟିଥିବାରୁ ଏହାକୁ ଭୂୟସୀ ପ୍ରଶଂସା କରିଥିଲେ ।

ସେ କହିଲେ ଯେ, ଡ୍ରୋନ୍ ପ୍ରଯୁକ୍ତିର ଉପଯୋଗ ଲୋକମାନଙ୍କ ହିତସାଧନ ନିମନ୍ତେ କାର୍ଯ୍ୟକାରୀ କରାଯିବା ଉଚିତ । ୨୦୧୪ ମସିହାରେ କାର୍ଯ୍ୟକାରୀ କରାଯାଇଥିବା ସ୍ମାର୍ଟ ପୁଲିସିଂର ନିୟମିତ ସମୀକ୍ଷା କରାଯିବା ନିମନ୍ତେ ପରାମର୍ଶ ଦେଇ ସେ କହିଲେ ଯେ ଏଥିରେ ନିୟମିତ ଭାବେ ସଂସ୍କାର ଅଣାଯିବା ଉଚିତ ଏବଂ ଏହାକୁ ସଂସ୍ଥାଗତ କରାଯିବା ମଧ୍ୟ ଆବଶ୍ୟକ । ପୁଲିସ୍ ବଳଙ୍କ ଦୈନନ୍ଦିନ ସମସ୍ୟାର ସମାଧାନ ନିମନ୍ତେ ସେ ଉଚ୍ଚ ପ୍ରଯୁକ୍ତିଗତ ଶିକ୍ଷା ପ୍ରାପ୍ତ କରିଥିବା ଯୁବଗୋଷ୍ଠୀଙ୍କୁ ଏଥିସହିତ ଯୋଡିବା ନିମନ୍ତେ ମତ ପ୍ରଦାନ କରିଥିଲେ ଯଦ୍ୱାରା ହାକାଥନ ମାଧ୍ୟମରେ ସେ ସବୁର ପ୍ରଯୁକ୍ତିଗତ ସମାଧାନ ସୂତ୍ର ଖୋଜା ଯାଇପାରିବ । ପ୍ରଧାନମନ୍ତ୍ରୀ ଏହି ଅବସରରେ ଆସୂଚନା ବ୍ୟୁରୋର କର୍ମୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ପ୍ରଦାନ କରିଥିଲେ । ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ରାଜ୍ୟର ଆଇପିଏସ ଅଧିକାରୀମାନେ ସମସାମୟିକ ସୁରକ୍ଷା ପ୍ରସଙ୍ଗରେ ନିଜର ନିବନ୍ଧ ପ୍ରସ୍ତୁତ କରିଥିଲେ ଯାହାକି ଏହି ସମ୍ମିଳନୀର ମହତ୍ୱ ବୃଦ୍ଧି କରିଥିଲା । ଇତି ପୂର୍ବରୁ ୧୯ ନଭେମ୍ବର ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ଯେଉଁଥିରେ ଓ ଦେଶର ତିନି ସର୍ବଶ୍ରେଷ୍ଠ ପୁଲିସ ଥାନାକୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ । ସମ୍ମିଳନୀର ସମସ୍ତ ବୈଠକ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଉପସ୍ଥିତ ଥିଲେ ଏବଂ ନିଜର ବହୁମୂଲ୍ୟ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।

## ଓଡିଆ ପୁଅ ଚଣ୍ଡିପ୍ରସାଦ ମହାନ୍ତିଙ୍କୁ ପରମ ବିଶିଷ୍ଟ ସେବା ପଦକରେ ସମ୍ମାନୀତ କଲେ ରାଷ୍ଟ୍ରପତ



ଦିଲ୍ଲୀ : ଆଜି ଦିଲ୍ଲୀରେ ଏକ ସ୍ୱତନ୍ତ୍ର ଉତ୍ସବରେ ଚଣ୍ଡିପ୍ରସାଦଙ୍କୁ ପରମ ବିଶିଷ୍ଟ ସେବା ପଦକ ସମ୍ମାନୀତ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ।

ଏବେ ସ୍ଥଳ ସେନା ଉପମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି ଲେଫ୍ଟନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି । ତାଙ୍କର ଦୀର୍ଘ ଚାରି ଦଶନ୍ଧିର କାର୍ଯ୍ୟକାଳ ମଧ୍ୟରେ ଭାରତୀୟ ସ୍ଥଳସେନାର ଜଣେ ଦକ୍ଷ ଜେନେରାଲ୍ ଭାବେ ଅତ୍ୟନ୍ତ ଦାୟିତ୍ୱ ସମ୍ପର୍ଣ୍ଣ ଭାବେ ଦାୟିତ୍ୱ ତୁଲାଇବା ସହ ଦେଶର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିରନ୍ତର ଭାବେ କାର୍ଯ୍ୟ କରି ଆସିଥିଲେ । ସେଥିପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି ।

## ସ୍ୱତନ୍ତ୍ର ଅଫର୍ : ମଦ କିଣା ଉପରେ ୧୦% ରିହାତି, ପାଇବାକୁ ହେଲେ କରିବାକୁ ହେବ ଏହି କାମ



ମନ୍ଦସୌର : ମଧ୍ୟପ୍ରଦେଶର ମନ୍ଦସୌର ସହରର ତିନୋଟି ମଦ ଦୋକାନରେ ଦେଶୀ ମଦ କିଣିବା ଉପରେ ୧୦ ପ୍ରତିଶତ ରିହାତି ଦିଆଯିବାକୁ ଘୋଷଣା କରାଯାଇଛି । ତେବେ ଏହି ରିହାତି ପାଇବାକୁ ହେଲେ କରିବାକୁ ହେବ ଏହି କାମ । ଏହି ରିହାତି ନଭେମ୍ବର ୨୪ରେ କେବଳ ଗୋଟିଏ ଦିନ ପାଇଁ ରଖାଯାଇଛି । ସୂଚନାଯୋଗ୍ୟ ଯେ, ମଧ୍ୟପ୍ରଦେଶରେ ଡିସେମ୍ବର ଶେଷ ପର୍ଯ୍ୟନ୍ତ ୧୮ ବର୍ଷରୁ ଅଧିକ ଥିବା ସମସ୍ତ ନାଗରିକଙ୍କୁ କୋଭିଡ୍ ଟୀକାକରଣ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ଏହି କ୍ରମରେ ନଭେମ୍ବର ୨୪ରେ ଷଷ୍ଠ ମହାଅଭିଯାନ ଜାରି ରହିଛି । ଜିଲ୍ଲା ଅବକାରୀ ଅଧିକାରୀ ଅନିଲ୍ ସଚିନ୍ କହିଛନ୍ତି, କୋଭିଡ୍-୧୯ର ଦ୍ୱିତୀୟ ଡୋଜ ଲଗାଇଥିବା ବ୍ୟକ୍ତିଙ୍କୁ ଏହି ଅଫର୍ ଦିଆଯିବ । ମନ୍ଦସୌର ବିଜେପି ବିଧାୟକ ଯଶପାଲ ସିଂ ସିସୋଦିଆ ଏହି ଅଫର୍‌କୁ ସମାଲୋଚନା କରିଥିବା ଜଣାପଡ଼ିଛି ।

## ଡ. ଏସ୍.ଏନ୍. ସୁବାରାଓଙ୍କୁ ସାମୁହିକ ଶ୍ରଦ୍ଧାଞ୍ଜଳି



ବଲାଙ୍ଗିର, (ନିପ୍ର) : ଭାରତର ବିଶିଷ୍ଟ ଗାନ୍ଧୀବାଦୀ ତଥା ଜାତୀୟ ଯୁବ ପ୍ରକଳ୍ପ ପ୍ରତିଷ୍ଠାତା ଡ. ଏସ୍.ଏନ୍. ସୁବାରାଓ ଜୀ (ଭାଇଜୀ) ଗତ ଅକ୍ଟୋବର ୨୭ ତରିଖରେ ଦେହାନ୍ତ ହୋଇଯିବା ପରେ ଭାରତ ବର୍ଷରେ ଭାଇଜୀଙ୍କ ସାଥୀ ସହଯୋଗୀମାନଙ୍କ ଦ୍ୱାରା ବିଭିନ୍ନ ଜାଗାରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଉଛି । ଏହି କ୍ରମରେ ଆଜି ବଲାଙ୍ଗିର ଜିଲ୍ଲା ଜାତୀୟ ଯୁବ ପ୍ରକଳ୍ପ ଓ ଅନ୍ୟ ଅନୁଷ୍ଠାନମାନଙ୍କ ସହଯୋଗରେ ସ୍ଥାନୀୟ ଯାଦବ ଭବନଠାରେ ଏକ ସାମୁହିକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । ଏହି ଅବସରରେ ଉପସ୍ଥିତ ବକ୍ତାଗଣ ଭାଇଜୀଙ୍କ ଜୀବନଯାତ୍ରା ସମ୍ପର୍କରେ ମତାମତ ରଖିଥିବା ବେଳେ ଜାତୀୟ ଯୁବ ପ୍ରକଳ୍ପ ଆବାହକ ମଧୁସୁଦନ ଦାସ ଭାଇଜୀଙ୍କ ଜୀବନ ଦର୍ଶନ ସମ୍ବଳିତ ତଥ୍ୟ ଉପସ୍ଥାପନ କରିଥିଲେ । ଚମ୍ବଲ ଘାଟିରେ ୬୫୪ ଜଣ ଡକାୟତମାନଙ୍କ ଆତ୍ମ ସମର୍ପଣ ପଛରେ ସୁବାରାଓ ଜୀଙ୍କ ଭୂମିକା ବିଶେଷ ଭାବରେ ଥିଲା ବୋଲି ବକ୍ତାମାନେ ମନ୍ତବ୍ୟ ଦେଇଥିଲେ । ରାଷ୍ଟ୍ରୀୟ ଏକତା ସାମ୍ପ୍ରଦାୟିକ ସଦ୍‌ଭାବନା ପାଇଁ ଭାଇଜୀ ଲକ୍ଷ ଲକ୍ଷ ଯୁବକ ଯୁବତୀମାନଙ୍କୁ ପ୍ରଶିକ୍ଷଣ ଦେଇ ରାଷ୍ଟ୍ର ଗଠନରେ ଯୁବ ଶକ୍ତିକୁ ସାମିଲ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସୂଚନା ରହିଛି । ଆଜିର ଏହି କାର୍ଯ୍ୟକ୍ରମରେ ସନ୍ଦିପ ବାଗ, ଶଙ୍କର ପାଣୀଗ୍ରାହି, ଜଗନ୍ନାଥ ପ୍ରସାଦ ମାହାଣା, ସଦାନନ୍ଦ ଦେବତା, ଅଜୟ ବାଲି, କାହ୍ନା ଶତପଥୀ, ନିରଞ୍ଜନ ଅଗ୍ରୱାଲ, ଅଙ୍କୁଶ ପାଣ୍ଡିଆ, ବଲାଙ୍ଗିର ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ପାଟଣେଶ୍ୱରୀ ମନ୍ଦିର ବିବାଦ...................... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ମନ୍ଦିର ପ୍ରାଙ୍ଗଣରେ ଧାରଣା ମଧ୍ୟ ଦେଇଥିଲେ ।

ସେ ଦୃଢ଼ତାର ସହ କହିଛନ୍ତି ଯେ, , ଇସ୍କନ କୌଣସି ଏକ ଧର୍ମ ନୁହେଁ । ଇସ୍କନ ଏକ ହିନ୍ଦୁ ଧର୍ମ ଅନୁଷ୍ଠାନ । ଜଣେ ହିନ୍ଦୁ ଇସ୍କନ ଅନୁଷ୍ଠାନ ସହିତ ଜଡ଼ିତ ହେଲେ, ତା'ର ହିନ୍ଦୁତ୍ୱରେ ପରିବର୍ତନ ହୁଏନାହିଁ । ଇସ୍କନ ଧର୍ମାନୁଷ୍ଠାନର ପ୍ରତିଷ୍ଠାତା ନିଜେ ପଶ୍ଚିମବଙ୍ଗର ଜଣେ ନିଷ୍ଠାପର ହିନ୍ଦୁ । ଜଗନ୍ନାଥ ସଂସ୍କୃତି ଓ କୃଷ୍ଣ ପ୍ରେମର ଭାବାବେଗକୁ ଲୋକଙ୍କ ମଧ୍ୟରେ ଜାଗ୍ରତ କରି ସାରା ବିଶ୍ୱରେ ହିନ୍ଦୁ ଧର୍ମର ପରିସର ବୃଦ୍ଧି କରିବା ଇସ୍କନ ଧର୍ମର ମୂଳ ଲକ୍ଷ୍ୟ ।

ତାଙ୍କ ମତ ଦେବାକୁ ଯାଇ ସେ ଆହୁରି କହିଛନ୍ତି ଯେ, କେଶରୀୟା ହିନ୍ଦୁ ବାହିନୀ ତା'ର ଦାବୀପତ୍ରରେ ପୁରୀ ମନ୍ଦିର କଥା ଉଲ୍ଲେଖ କରିଛନ୍ତି । ପ୍ରକାଶ ଥାଉ କି, ସମଗ୍ର ବିଶ୍ୱରେ ଇସ୍କନର ଭକ୍ତମାନେ ଅଛନ୍ତି । ବିଧିମତେ ପୁରୀ ଜଗନ୍ନାଥ ମନ୍ଦିରକୁ କୌଣସି ବିଦେଶୀ ପର୍ଯ୍ୟଟକଙ୍କୁ ପ୍ରବେଶ କରାଇ ଦିଆଯାଏନାହିଁ ସେ ଇସ୍କନର ଭକ୍ତ ହୋଇଥା'ନ୍ତୁ ବା ଅନ୍ୟ କେହି ବି ହୋଇ ଥା'ନ୍ତୁ । ବିଦେଶୀ ମାତ୍ରକେ ପୁରୀ ମନ୍ଦିରକୁ ପ୍ରବେଶ ନିଷେଧ । ସେହି କ୍ରମରେ ବିଦେଶୀ ଇସ୍କନ ଭକ୍ତଙ୍କୁ ମଧ୍ୟ ପୁରୀ ମନ୍ଦିରକୁ ପ୍ରବେଶ ପାଇଁ ବାରଣ କରାଯାଇଥାଏ । ଭାରତୀୟ ଇସ୍କନ ଭକ୍ତଙ୍କ ପାଇଁ ଏହି ବିଧି ଲାଗୁ ହୁଏନାହିଁ । ସେମାନେ ଅବାଧ ଭାବରେ ପୁରୀ ମନ୍ଦିରକୁ ପ୍ରବେଶ କରି ଜଗନ୍ନାଥଙ୍କ ଦର୍ଶନ କରନ୍ତି । ପୁଣି ଥରେ କହି ରଖୁଛି ଯେ, ଇସ୍କନ ଏକ ଧର୍ମ ନୁହେଁ ଏବଂ ତା'ର ସଦସ୍ୟ ଇସ୍କନ ଧର୍ମାବଲମ୍ବୀ ନୁହନ୍ତି । ଜଗନ୍ନାଥପ୍ରେମୀ ଓ କୃଷ୍ଣପ୍ରେମୀ ଭକ୍ତବୃନ୍ଦ ଇସ୍କନ ଧର୍ମାନୁଷ୍ଠାନର ସଦସ୍ୟ ହୋଇ ହିନ୍ଦୁ ଧର୍ମର ମହିମା ପ୍ରତିଷ୍ଠା ତଥା ପ୍ରଚାର ପ୍ରସାର ଦିଗରେ ସହାୟକ ହୋଇଥା'ନ୍ତି । ସେଥିପାଇଁ ଇସ୍କନ ଧର୍ମାନୁଷ୍ଠାନର ସଦସ୍ୟ ହୋଇଥିଲେ ମଧ୍ୟ ମୁଁ ଜଣେ ବିଶୁଦ୍ଧ ହିନ୍ଦୁ ଏବଂ ହିନ୍ଦୁ ଧର୍ମର ସମସ୍ତ ଦେବାଦେବୀଙ୍କୁ ସେବାପୂଜା କରିବାର ଅଧିକାର ମୋର ରହିଛି ।

ତାଙ୍କ ନାମ ପରିବର୍ତନ କଥା ଅଭିଯୋଗ ହୋଇଥିବା ବିଷୟରେ ସେ କହିଛନ୍ତି ଯେ, ଏହି ନାମଗୁଡ଼ିକ ଉପାଧି କ୍ରମରେ ଇସ୍କନ ଦ୍ୱାରା ପ୍ରଦତ୍ତ ହୋଇଥାଏ । ଏହାଦ୍ୱାରା ମୂଳ ନାମ ଓ ତଦ୍‌ଜନିତ ସତ୍ୱ ବା ପରିଚୟର କୌଣସି ପରିବର୍ତନ ହୁଏନାହିଁ । ଇସ୍କନ ଦ୍ୱାର ଦିଆଯାଇଥିବା ଉପାଧି କେବଳ ଇସ୍କନ ସଂସ୍ଥାରେ ହିଁ ପ୍ରଯୁଜ୍ୟ ହୋଇଥାଏ, ଯାହାକି ସଂସ୍ଥାରେ ନିଜର ପରିଚୟ ଓ ସମ୍ମାନ ବୃଦ୍ଧି କରିଥାଏ । ମଧୁସୂଦନ ଦିଶ୍ରୀ ନାମରେ ମୋର ଆଧାର କାର୍ଡ଼ ମଧ୍ୟ ରହିଛି ।

ବଲାଙ୍ଗିର ପାଟଣେଶ୍ୱରୀ ମନ୍ଦିରରେ ଯାହାକିଛି ବିଶୃଙ୍ଖଳା ସୃଷ୍ଟି ହେଉଛି, ସେଥିପାଇଁ ଆମ ଆମର ପାରିବାରିକ କନ୍ଦଳ ତଥା ଅନ୍ୟତମ ପୂଜକ ମଝିଆ ଭାଇ ମହେନ୍ଦ୍ର ହିଁ ଦାୟୀ ବୋଲି ମୁଖ୍ୟ ପୂଜକ ବଡ଼ ଭାଇ ମଳୟ କୁମାର ଦିଶ୍ରୀ ଆଜି ସ୍ଥାନୀୟ ସାମ୍ବାଦିକ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ମନ୍ତବ୍ୟ ପ୍ରଦାନ କରିଛନ୍ତି । ଗତ ୨୫ ତାରିଖ ଦିନ ପାଟଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ସାନ ଭାଇ ଅନ୍ୟତମ ପୂଜକ ମଧୁସୂଦନ ଦିଶ୍ରୀଙ୍କୁ ଇସ୍କନ ଧର୍ମାବଲମ୍ବୀ ଅଣ ହିନ୍ଦୁ ଦର୍ଶାଇ ତାଙ୍କୁ ମା' ପାଟଣେଶ୍ୱରୀଙ୍କ ସେବାପୂଜା ନୀତିକାନ୍ତି ଦାୟିତ୍ୱରୁ ବହିଷ୍କାର ପାଇଁ ଦାବୀ କରାଯାଇଥିବା ବେଳେ ଆଜି ପାଟଣେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ମଳୟ କୁମାର ଦିଶ୍ରୀ ଓ ତାଙ୍କ ସାନଭାଇ ମଧୁସୂଦନ ଦିଶ୍ରୀ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ତାଙ୍କ ପାରିବାରିକ କନ୍ଦଳ ଯୋଗୁଁ ପାଟଣେଶ୍ୱରୀ ମନ୍ଦିରରେ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେଉଥିବା ବଖାଣିଛନ୍ତି । ବଡ଼ଭାଇ ମଳୟ କୁମାର ଦିଶ୍ରୀ କହିଛନ୍ତି ଯେ, ମୋର ସାନ ଭାଇ ମଧୁସୂଦନ ଦିଶ୍ରୀକୁ ଇସ୍କନ୍ ଧର୍ମାବଲମ୍ବୀ କହି କେଶରୀୟା ହିନ୍ଦୁ ବାହିନୀର ସହାୟତାରେ ସେବା ପୂଜା କାର୍ଯ୍ୟରୁ ବହିଷ୍କାର କରିବାର ଚକ୍ରାନ୍ତ ମହେନ୍ଦ୍ର ହିଁ କରିଥିବା ଅନୁମେୟ । ନିଜର ଯୁକ୍ତି ରଖି ସେ ପ୍ରକାଶ କରିଛନ୍ତି ଯେ, ଇସ୍କନ କୌଣସି ଅଣ ହିନ୍ଦୁ ଅନୁଷ୍ଠାନ ନୁହେଁ ଏବଂ ଏହି ଅନୁଷ୍ଠାର ସଦସ୍ୟ ଅଣ ହିନ୍ଦୁ ନୁହନ୍ତି । ଏପରି ହୋଇଥାଏ ଯେ, ଅନ୍ୟ ଧର୍ମାବଲମ୍ବୀ ମାନେ ଇସ୍କନ ପ୍ରତି ଆକୃଷ୍ଟ ହୋଇ ସେଥିରେ ସାମିଲ୍ ହୋଇଥାନ୍ତି, ମାତ୍ର ଜଣେ ହିନ୍ଦୁ ଇସ୍କନର ସଦସ୍ୟ ହେଲେ ତାର ହିନ୍ଦୁତ୍ୱରେ କୌଣସି ପରିବର୍ତ୍ତନ ହୁଏନାହିଁ ବା ସେ ହିନ୍ଦୁ ଧର୍ମରୁ ବାଦ୍ ପଡ଼େନାହିଁ । ସେହି ହିସାବରେ ମୋର ସାନ ଭାଇ ମଧୁସୂଦନ ଦିଶ୍ରୀ ସଂପୂର୍ଣ୍ଣ ରୂପେ ହିନ୍ଦୁ ଓ ହିନ୍ଦୁ ଦେବାଦେବୀଙ୍କ ପୂଜା ସେବା କରିବାର ଅଧିକାର ତାର ମଧ୍ୟ ରହିଛି ।

ପାଟଣେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ମଳୟ କୁମାର ଦିଶ୍ରୀ ଆହୁରି କହିଛନ୍ତି ଯେ, ବଂଶାନୁକ୍ରମିକ ସତ୍ତ୍ୱରେ ଦେବୋତ୍ତର ବିଭାଗର ନିର୍ଦ୍ଦେଶ କ୍ରମେ ଆମେ ତିନି ଭାଇ ମୁଁ, ମୋ' ମଝିଆ ଭାଇ ମହେନ୍ଦ୍ର କୁମାର ଦିଶ୍ରୀ ଓ ସାନ ଭାଇ ମଧୁସୂଦନ ଦିଶ୍ରୀ ଆମ ପିତାଙ୍କ ଦେହାନ୍ତ ପରେ ପାଟଣେଶ୍ୱରୀ ଦେବୀଙ୍କ ସେବାପୂଜା ଓ ନୀତିକାନ୍ତି କରିବାର ଅଧିକାର ଚାରି ମାସିଆ ପାଳିରେ ପ୍ରାପ୍ତ ହୋଇଛୁ । ବଂଶାନୁକ୍ରମିକ ସତ୍ତ୍ୱରେ ଆମ ପରିବାରର ତିନି ପିଢ଼ି ହେଲା ମା' ପାଟଣେଶ୍ୱରୀ ଦେବୀଙ୍କ ନୀତିକାନ୍ତି ଓ ସେବାପୂଜା କରି ଆସୁଅଛୁ । କ୍ଷୋଭ ଓ ପରିତାପର ବିଷୟ ଯେ, ଆମର ମଝିଆ ଭାଇ ମହେନ୍ଦ୍ର ମା' ପାଟଣେଶ୍ୱରୀଙ୍କ ସେବାପୂଜା ଓ ନୀତିକାନ୍ତି ଏକାକୀ ହାତେଇବା ପାଇଁ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ର କରୁଛି ଓ ବିଶୃଙ୍ଖଳା ସୃଷ୍ଟି କରୁଛି । ସାନଭାଇ ମଧୁସୂଦନର ପାଳି ପଡ଼ିଲେ ମହେନ୍ଦ୍ର ବିଭିନ୍ନ ପ୍ରକାର ବ୍ୟାଘାତ ସୃଷ୍ଟି କରୁଛି । ମଧୁସୂଦନର ବିରୁଦ୍ଧରେ ମହେନ୍ଦ୍ର ଷଡ଼ଯନ୍ତ୍ର କରିବା ଠାରୁ ଆରମ୍ଭ କରି ଲୋକ ଲୋଗାଇ ଦୌରାତ୍ମ୍ୟ କରିବା ପର୍ଯ୍ୟନ୍ତ ପଛାଉ ନାହିଁ । ବଡ଼ ଭାଇ ହିସାବରେ ଏହା ମତେ ବହୁତ କଷ୍ଟ ଦେଉଛି । ମୋର ଏବଂ ପରିବାରବର୍ଗର କାହାରି କଥାକୁ ମହେନ୍ଦ୍ର କର୍ଣ୍ଣପାତ କରୁନାହିଁ । ମହେନ୍ଦ୍ର ସବୁବେଳେ ଏପରି କାର୍ଯ୍ୟ କରୁଛି, ଯେଉଁଥିରେ ମୋର ଓ ମୋର ସାନ ଭାଇ ମଧୁସୂଦନର କ୍ଷତି ହେବ । ମା' ପାଟଣେଶ୍ୱରୀଙ୍କ ସେବା ପୂଜାରେ ବ୍ୟତିକ୍ରମ ଘଟିଲେ ବି ତାର କିଛି ଯାଏ ଆସେ ନାହିଁ । ତାର ଏକମାତ୍ର ଲକ୍ଷ୍ୟ, ନିଜେ ଏକାକୀ ପାଟଣେଶ୍ୱରୀ ମନ୍ଦିରର ସେବାପୂଜା କରିବାର ଅଧିକାର ପ୍ରାପ୍ତ ହେବା ।

ତେବେ ପାଟଣେଶ୍ୱରୀ ମନ୍ଦିରର ଅନ୍ୟତମ ସେବାୟତ ମଝିଆ ଭାଇ ମହେନ୍ଦ୍ର କୁମାର ଦିଶ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, କେଶରୀୟା ହିନ୍ଦୁ ବାହିନୀର ସଦସ୍ୟମାନଙ୍କୁ ମୁଁ ପ୍ରରୋଚିତ କରିଥିବା ଆକ୍ଷେପ ମିଥ୍ୟା ଅଟେ । ଏଥିରେ ମୋର ସାମାନ୍ୟ ବି ସଂପୃକ୍ତି ନାହିଁ ବୋଲି ସେ ନିଜର ମତ ରଖିଛନ୍ତି । ସେ କହିଛନ୍ତି, କୌଣସି ଚକ୍ରାନ୍ତ କିମ୍ବା ଷଡ଼ଯନ୍ତ୍ର ସହ ମୁଁ ସଂପୃକ୍ତ ନୁହେଁ । ମତେ ପୂଜାକର୍ମରୁ ଘଉଡ଼ାଇବା ପାଇଁ ବଡ଼ ଓ ସାନ ଭାଇ ମିଶି ଏସବୁ ଚକ୍ରାନ୍ତ କରୁଛନ୍ତି ।

# ବଲାଙ୍ଗିର ସାମ୍ବାଦିକ ଜଗତର ଭୀଷ୍ମ ପିତାମହ ସତ୍ୟନାରାୟଣ ବେହେରା

## ପାର୍ଥିବ ଶରୀରକୁ ସାମ୍ବାଦିକ ଭବନରେ ଦିଆଗଲା ଅଶ୍ରୁଳ ବିଦାୟ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସାମ୍ବାଦିକ ଜଗତର ଭୀଷ୍ମ ପିତାମହ ସତ୍ୟନାରାୟଣ ବେହେରାଙ୍କ ପାର୍ଥିବ ଶରୀରକୁ ବଲାଙ୍ଗିର ସାମ୍ବାଦିକ ଭବନରେ ଅଶ୍ରୁଳ ବିଦାୟ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ସୋମବାର ଦିନ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣଙ୍କ ସ୍ଥାନୀୟ ଭୀମ ଭୋଇ ମେଡ଼ିକାଲ କଲେଜ ହସ୍‌ପିଟାଲ୍‌ର ଆଇସିୟୁ ଠାରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିଲା । ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ । ଡାକ୍ତରଖାନାରୁ ପାର୍ଥିବ ଶରୀରକୁ ତାଙ୍କ କଂସାରୀପଡ଼ା ସ୍ଥିତ ବାସଭବନକୁ ଅଣାଯାଇଥିଲା । ଏହାପରେ ଏକ ସୁସଜ୍ଜିତ ମହାପ୍ରୟାଣ ରଥରେ ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନକୁ ଅଣାଯାଇଥିଲା ଓ ଅଶ୍ରୁଳ ଶ୍ରଦ୍ଧାଂଜଳି ପ୍ରଦାନ କରାଯାଇଥିଲା । ସଂଘର ସଭାପତି ହରିନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ସାଧାରଣ ସଂପାଦକ ବଳରାମ ମିଶ୍ର, ଉପସଭାପତି ଆନଂଦ ଚଂଦ୍ର ସାହୁ, ସଂଗଠନ ସଂପାଦକ ଶରତ ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ସୁନୀଲ ମହାନ୍ତି, ସୁବାସ ପଣ୍ଡା,





ଗୋପବନ୍ଧୁ ଶତପଥୀ, ନବୀନ ପଶାୟତ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସଦାଶିବ ସରାଫ, ଶିଶିର କୁମାର ଶତପଥୀ, ସୁଧୀର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସଂଦୀପ କୁମାର କୁଅଁର, ବିରେନ୍ଦ୍ର ଝାଙ୍କର, ଶରତ ମହାକୁର, ଚନ୍ଦ୍ରଭାନୁ ମୋଲଣା, ଦୀପକ ପୁରୋହିତ, ଶେଖ୍ ମହମ୍ମଦ ୱାହିଦ୍, ସଂଦୀପ କୁଅଁର, ବିଜୟ ପ୍ରଧାନ, ସୁବ୍ରତ ନାଏକ, ଜ୍ୟୋସ୍ନାରାଣୀ ଦାଶ, ଘଟେଶ୍ୱର ମିଶ୍ର, ପ୍ରଶାନ୍ତ ମହାକୁର, ବବୁଲୁ ଥନାପତି, ସଂଜୟ ମିଶ୍ର, ଦେବାଶିଷ ମିଶ୍ର, ବିଷ୍ଣୁ ପ୍ରସାଦ କେଡ଼ିଆ ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ମର ଶରୀର ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ବିଜୟ କୁମାର ଶତପଥୀଙ୍କ ସହିତ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଶ୍ରଦ୍ଧାଂଜଳି ଜଣାଇଥିଲେ । ସାମ୍ବାଦିକ ଭବନରୁ ମର ଶରୀରକୁ ଶ୍ମଶାନକୁ ନିଆଯାଇଥିଲା ।

## ବଲାଙ୍ଗିର ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ମୁରବୀ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣଙ୍କୁ ସଂଘ ପକ୍ଷରୁ ଗଭୀର ଶ୍ରଦ୍ଧାଂଜଳି

ବଲାଙ୍ଗିର, (କେପିଏନ୍‌ଏସ୍) : ବଲାଙ୍ଗିର ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ମୁରବୀ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣଙ୍କୁ ସଂଘ ପକ୍ଷରୁ ଗଭୀର ଶ୍ରଦ୍ଧାଂଜଳି ପ୍ରଦାନ କରାଯାଇଛି । ବଲାଙ୍ଗିର ମାଟିର ସାମ୍ବାଦିକ ଜଗତର ପିତାମହ ଭୀଷ୍ମ ସତ୍ୟନାରାୟଣ ବେହେରାଙ୍କ ଦେହାନ୍ତ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲା ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଛି ।

## ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ଦେହାନ୍ତରେ ଶୋକ ପ୍ରକାଶ କଲେ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ

ବଲାଙ୍ଗିର, (ନିପ୍ର) : ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ । ଟ୍ୱିଟର୍ ମାଧ୍ୟମରେ ଶୋକ ପ୍ରକାଶ କରି ସେ କହିଛନ୍ତି ଯେ, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣଙ୍କ ଦେହାନ୍ତ ଖୁବ୍ ଦୁଃଖଦାୟକ । ବଲାଙ୍ଗିର ଜିଲ୍ଲାର ସେ ଥିଲେ ଜଣେ ଦକ୍ଷ ଓ ବରିଷ୍ଠ ସାମ୍ବାଦିକ । ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସହ ସେ କାର୍ଯ୍ୟ କରିଥିଲେ ।

ବଲାଙ୍ଗିରବାସୀଙ୍କ ପାଇଁ ତାଙ୍କ ଅବଦାନ ଅବର୍ଣ୍ଣନୀୟ । ସ୍ୱର୍ଗତ ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ ।

## ବାଲ୍ୟ ବନ୍ଧୁ ତଥା ସାମ୍ବାଦିକ ସତ୍ୟ ବେହେରାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କଲେ ନରସିଂହ

ବଲାଙ୍ଗିର, (ନିପ୍ର) : ବାଲ୍ୟ ବନ୍ଧୁଙ୍କ ବିୟୋଗରେ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ନିଜ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ସତ୍ୟ ମୋର ବାଲ୍ୟ ବନ୍ଧୁ ଥିଲା । ସ୍କୁଲ ସମୟରୁ ଆମେ ଏକ ସାଙ୍ଗରେ ପଢୁଥିଲୁ । ସ୍କୁଲର ଅନେକ କାର୍ଯ୍ୟକ୍ରମରେ ଆମେ ଯୋଗଦାନ କରିଛୁ । ସ୍କୁଲ ପରେ ମୁଁ ପାଠ ପଢିବା ପାଇଁ ଅନ୍ୟତ୍ର ଯାଇଥିବା ବେଳେ ତା ସହିତ କିଛି ସମୟ ଦୁରରେ ବିତାଇଥିଲି । ପରବର୍ତ୍ତି ସମୟରେ ସେ ସାମ୍ବାଦିକତା ଆରମ୍ଭ କରିଥିଲା । ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ସମ୍ବାଦ ପତ୍ରରେ ସମ୍ମାନ ଓ ନିର୍ଭିକତାର ସହ କାମ କରି ସାରା ରାଜ୍ୟରେ ସେ ବେଶ ନାଁ କରିଥିଲା । ମୁଖ୍ୟତଃ ତାର ବିଭିନ୍ନ ଗଠନମୂଳକ ଲେଖାରେ ଶିଦ୍ଧ ହସ୍ତ ଥିଲା । ସେସବୁ ଲେଖା ସମାଜର ବିଭିନ୍ନ ସମସ୍ୟା ଦୁର କରିବାରେ ପ୍ରଶାସନ ଓ ସରକାରଙ୍କ ପାଇଁ ଖୁବ ସହାୟକ ହେଉଥିଲା । ତାଛଡା ସାଥି ସାମ୍ବାଦିକମାନଙ୍କ ସୁରକ୍ଷା ଓ ବିକାଶ ପାଇଁ ସେ ଆଜିବନ ଚେଷ୍ଟାରତ ଥିଲା । ଅନ୍ୟ ବନ୍ଧୁଙ୍କ ସହ ଉଦ୍ୟମ କରି ବଲାଙ୍ଗିରରେ ଏକ ସାମ୍ବାଦିକ ସଂଘ ପ୍ରତିଷ୍ଠା କରିବା ସହ ସଂଘର ପ୍ରଥମ ସଭାପତି ଭାବେ କାମ କରିଥିଲା । ପରେ ପରେ ସେ କଳା ସଂସ୍କୃତି, ନାଟ୍ୟ ଓ ସାହିତ୍ୟ ଦିଗରେ ଅକର୍ଷିତ ହେବା ସହ ସେ ଦିଗରେ ମଧ ଭଲ ପ୍ରତିଭା ଅଧିକାରୀ ହୋଇ ପାରିଥିଲା । ତା ଭଳି କେହି ଆଜୀବନ ସାମ୍ବାଦିକତା କରିଥିବା ଖୁବ କ୍ୱଚିତ ଦେଖାଯାଏ । ସାମ୍ବାଦିକତା କ୍ଷେତ୍ରରେ ସତ୍ୟ ଚିରସ୍ମରଣୀୟ ରହିବ । ତାର ଆବର୍ତ୍ତମାନରେ ଆଜି ଯେଉଁ ଶୁନ୍ୟସ୍ଥାନ ସୃଷ୍ଟି ହୋଇଛି, ତାହା ଆଉ କେହି ପୂରଣ କରି ପାରିବେ ନାହିଁ । ବଲାଙ୍ଗିରରେ ତା ଭଳି ଆଉ ଜଣେ ପ୍ରତିଭା ଜନ୍ମ ନେବା ଅସମ୍ଭବ ଜଣା ପଡୁଛି । ତାର ବିୟୋଗରେ ମୁଁ ଖୁବ ମର୍ମାହତ । ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

ଏଭଳି ଦୁଃଖଦ ସମୟର ସମ୍ମୁଖୀନ ହେବା ଇଶ୍ୱର ପରିବାର ତଥା ବନ୍ଧୁବର୍ଗଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି ।

## ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ଦେହାନ୍ତ ମୋ ପାଇଁ ଅପୂରଣୀୟ କ୍ଷତି, ପାଟଣା ଷ୍ଟେଟ ଉପରେ କରିଥିବା ଗବେଷଣା ତାଙ୍କର ଅତୁଳନୀୟ ଅବଦାନ ଥିଲା : ପୁର୍ବତନ ମନ୍ତ୍ରୀ ତଥା ସାଂସଦ ଅନଙ୍ଗ ଉଦୟ ସିଂହଦେଓ

ବଲାଙ୍ଗିର, (ନିପ୍ର) : ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଅନଙ୍ଗ ଉଦୟ ସିଂହଦେଓ ବରିଷ୍ଠ ସାମ୍ବାଦିକ ତଥା ବଲାଙ୍ଗିର ସାମ୍ବାଦିକ ଜଗତର ଭୀଷ୍ମ ପିତାମହଙ୍କ ଦେହାନ୍ତରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

ସେ କହିଛନ୍ତି ଯେ, ସ୍ୱର୍ଗତ ସତ୍ୟନାରାୟଣ ବେହେରା ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ ଧରି ସାମ୍ବାଦିକ ଭାବରେ ସାରା ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରିଥିଲେ । ଏହି ବର୍ଷିୟାନ ସାମ୍ବାଦିକ ଏକ ବିରଳ ବ୍ୟକ୍ତିତ୍ୱ ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ସେ ଏକା ଧାରରେ ଜଣେ ସାମ୍ବାଦିକ, ସ୍ତମ୍ଭକାର, ଲେଖକ, ଗବେଷକ, ନାଟ୍ୟକାର, ଚଳଚିତ୍ର ଅଭିନେତା ଭାବରେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ । ନିର୍ଭିକ, ସ୍ପଷ୍ଟବାଦୀ, ସ୍ୱାଧୀନଚେତା ସାମ୍ବାଦିକ ଭାବରେ ସାରା ରାଜ୍ୟରେ ସୁନାମ ଅର୍ଜନ କରିଥିଲେ । ସ୍ୱର୍ଗତ ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସହିତ ତାଙ୍କର ବ୍ୟକ୍ତିଗତ ଭାବରେ ଘନିଷ୍ଠ ତଥା ମଧୁର ସମ୍ପର୍କ ଥିଲା । ସ୍ୱର୍ଗତ ବେହେରା ମୋର ଜଣେ ଶୁଭାକାଂକ୍ଷୀ ତଥା ଶୁଭଚିନ୍ତକ ଥିଲେ । ସେ ସଦାସର୍ବଦା ପାଟଣା ଇତିହାସର ଗବେଷକ ଭାବରେ ନୂଆ ନୁଆ ତଥ୍ୟ ଲୋକଲୋଚନକୁ ଆଣିବାରେ ଅନବରତ ଚେଷ୍ଟିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ମୁଁ ଗଭୀର ଭାବରେ ମର୍ମାହତ । ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ମୁଁ ଇଶ୍ୱରଙ୍କ ପାଖରେ ପ୍ରାର୍ଥନା କରି ଦିବଙ୍ଗତ ସ୍ୱର୍ଗତ ବେହେରାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଶ୍ରୀ ସିଂହଦେଓ ସ୍ୱର୍ଗତ ଶ୍ରୀ ବେହେରାଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ବାର୍ତ୍ତା ମଧ୍ୟ ଦେଇଛନ୍ତି ।

## ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣଙ୍କ ଅବଦାନ ଅତୁଳନୀୟ : ବିଧାୟକ ସନ୍ତୋଷ ସିଂ ସାଲୁଜା


କଂଟାବାଂଜି, (ନିପ୍ର) : ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ଅବଦାନ ଅତୁଳନୀୟ ବୋଲି କହିଛନ୍ତି କଂଟାବାଂଜି ବିଧାୟକ ସନ୍ତୋଷ ସିଂ ସାଲୁଜା । ତାଙ୍କ ସ୍ନେହ, ଆଦର ଓ କର୍ତ୍ତବ୍ୟନିଷ୍ଠା ଗୁଣ ପାଇଁ ସେ ଯୁଗ ଯୁଗ ଧରି ଅମର ରହିବେ ବୋଲି କହି ସେ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ସାରା ଜୀବନ ସାମ୍ବାଦିକତା କରି ସାମ୍ବାଦିକ ଜଗତ ପାଇଁ ଏକ ଜ୍ୱଳନ୍ତ ଉଦାହରଣ ସାଜିଥିବା ସ୍ୱର୍ଗତ ସାମ୍ବାଦିକ ଶ୍ରୀ ବେହେରାଙ୍କ ସ୍ଥାନ କେହି ନେଇ ପାରିବେ ନାହିଁ ଏବଂ ତାଙ୍କ ସ୍ଥାନ ଅପୂରଣୀୟ ହୋଇ ରହିବ । ଆଜି ତାଙ୍କୁ ହରାଇ କେବଳ ବଲାଙ୍ଗିର ଜିଲ୍ଲା ନୁହେଁ, ସାରା ଓଡ଼ିଶା ବିଶେଷ କିଛି ହରାଇଛି ବୋଲି କହିଛନ୍ତି ।

## ବୟୋଜ୍ୟେଷ୍ଠ ତଥା ଦକ୍ଷ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ଦେହାନ୍ତ ଯୋଗୁଁ ଉତ୍କଳ ସାମ୍ବାଦିକ ସଂଘର ଅପୂରଣୀୟ କ୍ଷତି ଘଟିଲା : ସଭାପତି ବିଭୂତି ଭୂଷଣ

ଭୁବନେଶ୍ୱର, (କେପିଏନ୍‌ଏସ୍) : ବୟୋଜ୍ୟେଷ୍ଠ ତଥା ଦକ୍ଷ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ଦେହାନ୍ତରେ ଉତ୍କଳ ସାମ୍ବାଦିକ ସଂଘର ଅପୂରଣୀୟ କ୍ଷତି ଘଟିଲା ବୋଲି କହିଛନ୍ତି ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର । ଓଡ଼ିଶା ସାମ୍ବାଦିକ ଜଗତ ଆଜି ତାଙ୍କୁ ହରାଇ ନିଃସ୍ୱ ଅନୁଭବ କରୁଥିବା ବେଳେ ତାଙ୍କ ଭଳି ଜଣେ ଅମାୟିକ ବ୍ୟକ୍ତି ସାମ୍ବାଦିକ ଜଗତରେ ବିରଳ ବୋଲି ଶ୍ରୀ କର ମତବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ସ୍ମୃତିଚାରଣ କରିଛନ୍ତି ।

## ଜିଲ୍ଲାପାଳ ଚଞ୍ଚଳ ରାଣା ଶେଷ ଦର୍ଶନ କଲେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣଙ୍କ ପାର୍ଥିବ ଶରୀର

ବଲାଙ୍ଗିର, (କେପିଏନ୍‌ଏସ୍) : ଜିଲ୍ଲାପାଳ ଚଞ୍ଚଳ ରାଣା ଶେଷ ଦର୍ଶନ କରିଛନ୍ତି ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣଙ୍କ ପାର୍ଥିବ ଶରୀର । ବଲାଙ୍ଗିର ସାମ୍ବାଦିକ ଜଗତର ପିତାମହ ଭୀଷ୍ମ ସ୍ୱର୍ଗତ ସତ୍ୟନାରାୟଣଙ୍କ ଦେହାନ୍ତ ହେବା ପରେ ପ୍ରଥମେ ତାଙ୍କ କଂସାରୀପଡ଼ା ବାସଭବନକୁ ପାର୍ଥିବ ଶରୀରକୁ ଅଣାଯାଇଥିବା ବେଳେ ଜିଲ୍ଲାପାଳ ଶ୍ରୀ ରାଣାଙ୍କ ସହ ଡିଆଇପିଆର୍‌ଓ ଜୟଦେବ ପାଣିଗ୍ରାହୀ ଓ ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ବିଜୟ କୁମାର ଶତପଥୀ ଓ ଅନ୍ୟ ଜିଲ୍ଲା ଅଧିକାରୀମାନେ ଶେଷ ଦର୍ଶନ କରି ତାଙ୍କ ବାସଭବନରେ ଉପସ୍ଥିତ ରହି ଗଭୀର ଶ୍ରଦ୍ଧାଂଜଳି ପ୍ରଦାନ କରିଛନ୍ତି ।



ଅଶ୍ରୁଳ ଶ୍ରଦ୍ଧାଂଜଳି

ହେ' ବଲାଙ୍ଗିର ସାମ୍ବାଦିକ ଜଗତର ଭୀଷ୍ମ ପିତାମହ....

ଆପଣଙ୍କ ଶ୍ରଦ୍ଧା ଓ ସାଧନା ଯୁଗେ ଯୁଗେ ଅମର ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

'କୋଶଳ ପ୍ରବାହ' ପରିବାର

# ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡକ ନିର୍ମାଣ ନିମ୍ନ ମାନର : ରକ୍ଷଣା ବେକ୍ଷଣ ଅର୍ଥ ଥାଇ କାମରେ ଲାଗୁନି !



ବାଲିଗୁଡ଼ା, (ନିପ୍ର) : କନ୍ଧମାଳ ଜିଲ୍ଲାରେ ଥିବା ବାଲିଗୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି । ଏନେଇ ଗ୍ରାମବାସୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଯାହାକୁ ନେଇ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଦାଣ୍ଡରେ ପଡି ହାଟରେ ଗଡୁଛି । ଏଭଳି ଅଭିଯୋଗ ଆସିଛି କ. ନୂଆଗାଁ ବ୍ଲକର ପିଡବୁଡି ରାସ୍ତା ଠାରୁ ଡେଡିମାହା ପର୍ଯ୍ୟନ୍ତ ୧୨୦.୬୧ ଲକ୍ଷ ଟଙ୍କାରେ ବ୍ୟୟ ଅଟକଳରେ ୩.୩୩୭କିମି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ହୋଇଥିଲା । ୧୪ ଡ଼ିସେମ୍ବର ୨୦୧୮ରେ ରାସ୍ତା କାର୍ଯ୍ୟଟି ଆରମ୍ଭ ହୋଇଥିବା ବେଳେ ୧୩.୦୫.୨୦୧୯ରେ ରାସ୍ତା କାର୍ଯ୍ୟଟି ଶେଷ ହୋଇଥିଲା । କିନ୍ତୁ ନିମ୍ନ ମାନର ରାସ୍ତା ନିର୍ମାଣ ବେଳେ ଠିକ ଭାବରେ ରୋଲର ବ୍ୟବହାର କରାଯାଇ ନଥିବା ଯୋଗୁଁ ଦୁଇ ଚକିଆ ଯାନରେ ଗଲେ ଖାଲ ଖମାରେ ଯିବା ପରି ଅନୁଭବ ହେଉଛି । ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଯାଇଥିବା ବେଳେ କର୍ଲଭଟ୍ ଗୁଡ଼ିକର ଅପ୍ରୋଚ ଦବୀ ଖାଲ ହୋଇ ଗଲାଣି । ନିର୍ମାଣ ଦିନଠାରୁ ସ୍ଥାନୀୟ ଲୋକେ ରାସ୍ତା କାମ ନିମ୍ନ ମାନର ହୋଇଥିବା ନେଇ ବାରମ୍ବାର ଅଭିଯୋଗ କରିଥିଲେ ବି ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ସହକାରୀ କିମ୍ବା କନିଷ୍ଠ ଯନ୍ତ୍ରୀ କେହିବି ଶୁଣୁନାହାନ୍ତି । ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ଏହି ରାସ୍ତାର ରକ୍ଷଣ ବେକ୍ଷଣ ପାଇଁ ୪.୨୫ଲକ୍ଷ ଟଙ୍କା ରହିଥିବା ବେଳେ ଆଜି ପର୍ଯ୍ୟନ୍ତ କାହିଁକି ଖର୍ଚ୍ଚ କରାଯାଉନାହିଁ ନା ଫଲ୍ସ ବିଲ୍ କରି ଟଙ୍କା ଉଠାଇ ନିଆ ଗଲାଣି ତାହାର ଉତ୍ତର କେହି ମଧ୍ୟ ଦେଉନାହାନ୍ତି । ବାଲିଗୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଅବସର ସମୟ ଆଉ କିଛି ଦିନ ଥିବା ବେଳେ ଯନ୍ତ୍ରୀ ଜଣକ ଦୀର୍ଘ ବର୍ଷ ହେଲା ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ଛତ୍ର ଛାୟା ତଳେ ରହି ଏଭଳି ନିମ୍ନ ମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । କ.ନୂଆଗାଁ ବ୍ଲକର କେବଳ ଡେଡିମାହା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡକ ରାସ୍ତା ନୁହଁ ଏଭଳି ବହୁ ରାସ୍ତା ଓ କୋଠା ଏଷ୍ଟିମେଟକୁ ଅଣ ଦେଖା କରି ନିମ୍ନ ମାନର କାମ ହୋଇଥିବା ନେଇ ବିଭିନ୍ନ ଗ୍ରାମବାସୀ ଅଭିଯୋଗ କରିବା ସହ ଭିଜିଲାନ୍ସ ଦାବୀ କରିଛନ୍ତି ।

ନିର୍ବାହୀ ଯନ୍ତ୍ରୀଙ୍କ ଅବସର ଚଳିତ ମାସରେ ହେଉଥିବାରୁ କାମକୁ ନଦେଖି ବିଲ ପ୍ରସ୍ତୁତ କରି ରାତି ଅଧିଆ ଦସ୍ତଖତ କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି । ଏଣୁ ଜିଲ୍ଲାପାଳ ମଧ୍ୟ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ଜାଳେଣି ଗ୍ୟାସ୍ ସିଲିଣ୍ଡର୍ ଦରବୃଦ୍ଧି ପ୍ରତିବାଦରେ ବିଜେଡ଼ିର ଜିଲ୍ଲା ବ୍ୟାପି ବିକ୍ଷୋଭ ପ୍ରଦର୍ଶନ



ବରଗଡ଼, (ନିପ୍ର) : କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଜାଳେଣୀ ଗ୍ୟାସ୍ ସିଲିଣ୍ଡର ଦର ଅହେତୁକ ବୃଦ୍ଧି ପ୍ରତିବାଦରେ ଆଜି ବରଗଡ଼ ଜିଲ୍ଲା ବିଜୁ ଜନତା ଦଳର ମହିଳା, ଯୁବ, ଛାତ୍ର ସଂଗଠନ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସଦର ମହକୁମା ଗାନ୍ଧୀଛକଠାରେ ନଗର ବିଜୁ ମହିଳା ଜନତା ଦଳ ପକ୍ଷରୁ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିବା ବେଳେ ନଗର ସଭାନେତ୍ରୀ ଶ୍ରୀମତୀ କଳ୍ପନା ମାଝୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ କେନ୍ଦ୍ର ସରକାର ପ୍ରଥମେ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଘରେ ଘରେ ଗ୍ୟାସ ସିଲିଣ୍ଡର ବିକ୍ରି କରି ଲାଭବାନ ହେଲେ । ଏବେ ପୁଣି ୩୫୦ ଟଙ୍କାରୁ ଏକ ହଜାର ଟଙ୍କାକୁ ବୃଦ୍ଧି ପାଇଲାଣି । ଯାହାକି ଲୋକଙ୍କ ଚୁଲି ଜଳିବା କଷ୍ଟକର ହେଲାଣି ବୋଲି ଅଭିଯୋଗ କରି ପ୍ରତିବାଦ କରିଥିଲେ । ସଭାରେ ପୂର୍ବତନ ବିଧାୟକ ସାଧୁ ନେପାକ, ପୂର୍ବତନ ନଗର ପାଳ ପ୍ରଶାନ୍ତ ବେହେରା, ବରଗଡ଼ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ମଞ୍ଜୁ ପଣ୍ଡା, ଶ୍ରୀବତ୍ସ ଛତର, ନଗର ସଭାପତି କିଶୋର ମିଶ୍ର, କମଲ ତାଣ୍ଡି, ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକ, ବିଜୁ ଛାତ୍ର ଜନତା ଦଳର ସଭାପତି କରନ ସିକନ୍ଦର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ସୋହେଲା ଠାରେ ମଧ୍ୟ ବିଜୁ ଜନତା ଦଳର ମହିଳା ଯୁବ ଛାତ୍ର ସଂଗଠନର କର୍ମୀ ମାନେ ସ୍ଥାନୀୟ ଦୁର୍ଗା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ପରେ ବ୍ଲକ ଉନ୍ନୟନ ଅଧିକାରୀ ବିଶ୍ୱ ଜିତ କରଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ସେହିଭଳି ପଦ୍ମପୁରରେ ମଧ୍ୟ ଗ୍ୟାସ୍ ସିଲିଣ୍ଡର୍ ଦରବୃଦ୍ଧି ପ୍ରତିବାଦରେ ବିଜେଡ଼ିର କର୍ମକର୍ତ୍ତାମାନେ କେନ୍ଦ୍ର ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅବକାରୀ ପ୍ରମୁଖ ସଚିବଙ୍କ ଗଞ୍ଜାମ ଗସ୍ତ



ବ୍ରହ୍ମପୁର, (ନିପ୍ର) : ଓଡିଶା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅବକାରୀ ବିଭାଗର ପ୍ରମୁଖ ସଚିବ ସୁନୀଲ କୁମାର ଲୋହନୀ ଗତକାଲି ଗଞ୍ଜାମ ଗସ୍ତରେ ଆସିଥିଲେ । ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହନୀ ଅଧକ୍ଷତା କରି ନିର୍ବାଚନ ଓ ଅବକାରୀ ବିଭାଗର ସମୀକ୍ଷା କରିଛନ୍ତି । ୧୮ ବର୍ଷ ବୟସରୁ ୨୦ ବର୍ଷ ମଧ୍ୟରେ ଥିବା ନୂତନ ଭୋଟର ତଥା ସାବାଳକ ସଂଖ୍ୟା ପ୍ରତିଶତକୁ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଛନ୍ତି । ୨୦୨୨ ଜାନୁଆରୀରେ ଯେଉଁମାନେ ୧୮ ବର୍ଷରେ ପାଦ ଦେବାକୁ ଯାଉଛନ୍ତି, ସେମାନଙ୍କୁ ଚିହ୍ନଟ କରି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନ ରହିଛି । ଏଭଳିକି ଯୁବପିଢ଼ୀ ଭୋଟରମାନଙ୍କୁ ସେମାନଙ୍କ ମତଦାନ କରିବା ପାଇଁ ସୁଯୋଗ ରହିଛି । ବର୍ତ୍ତମାନ ଭୋଟର ତାଲିକା ସଂଶୋଧନ କରାଯିବା, ବାଦ୍ ଓ ସଂଯୋଗ କାର୍ଯ୍ୟ ଅନ୍‌ଲାଇନ୍ ମାଧ୍ୟମରେ ଚାଲୁ ରହିଛି । ଏହି କାର୍ଯ୍ୟ ଚାଲୁ ରହିଥିବା ବେଳେ ନୂତନ ଭୋଟର ପ୍ରତିଶତ ସଂଖ୍ୟା କମ୍ ରହିଛି । ଏଣୁ ନୂତନ ଭୋଟର ସଂଖ୍ୟା ପ୍ରତିଶତ ବୃଦ୍ଧି କରିବା ଦିଗରେ ଅଧିକାରୀମାନେ ପଦକ୍ଷେପ ନେବାକୁ କୁହାଯାଇଛି । ଏଥିପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଏହାସହ ଅବକାରୀ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ଥିବା ନେଇ ବ୍ରହ୍ମପୁର ଓ ଗଞ୍ଜାମ ଅବକାରୀ ଜିଲ୍ଲାର ବିଭିନ୍ନ ବିଷୟକୁ ନେଇ ସମୀକ୍ଷା କରିଛନ୍ତି ।

ବେଆଇନ ମଦ କାରବାର, ଅପମିଶ୍ରିତ ମଦ ଏବଂ ଗଞ୍ଜେଇ ଚାଲଣ ଉପରେ ଘନଘନ ଚଢ଼ାଉ ଜାରୀ ରଖିବାକୁ ଅବକାରୀ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍, ବ୍ରହ୍ମପୁର ଉପଜିଲ୍ଲାପାଳ ୱି.କୀର୍ତ୍ତି ଭାଷନ୍, ଛତ୍ରପୁର ଉପଜିଲ୍ଲାପାଳ ନୀଳମାଧବ ଭୋଇ, ଭଞ୍ଜନଗର ଉପଜିଲ୍ଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ୍, ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ, ଗଞ୍ଜାମ ବିଡିଓ ବିଶ୍ୱଜିତ୍ ରାୟ, ଛତ୍ରପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଆସିଷ୍ଟାଣ୍ଟ କଲେକ୍ଟର ବିକ୍ରମ କୁମାର ଦୋରା, ଗଞ୍ଜାମ ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର କୁମାର ଭୋତ୍ରା, ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର କୁମାର ନାଇକ, ଗଞ୍ଜାମ ଅବକାରୀ ଉପଅଧୀକ୍ଷକ ଅଭିମନ୍ୟୁ ବେହେରାଙ୍କ ସମେତ ଅନ୍ୟପ୍ରମୁଖ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଶ୍ରେଣୀ କୋଠରୀ ଅଭାବରୁ ସ୍କୁଲ ବାରଣ୍ଡାରେ ପଢୁଛନ୍ତି ପାଠ



ପଦ୍ମପୁର, (ନିପ୍ର) : ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକ ଅନ୍ତର୍ଗତ ଯୋଖିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପଢିବା ନିମନ୍ତେ ଶ୍ରେଣୀ କୋଠରୀ ନଥିବାରୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୧୮ ମାସ କରୋନା କଟକଣା ପରେ ବିଦ୍ୟାଳୟଗୁଡିକ ଖୋଲିଛି ତେଣୁ ବର୍ତ୍ତମାନ ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପଢିବାକୁ ଆସୁଛନ୍ତି । ଯୋଖିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ଏହି ତିନୋଟି ଶ୍ରେଣୀରେ ସର୍ବମୋଟ ୧୨୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚମ ଡନସନା କହିଛନ୍ତି । ସୂଚନା ଅନୁସାରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ଅନୁପାତ ଅନୁଯାୟୀ ୧୨୧ ଜଣ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ୪ ଜଣ ଶିକ୍ଷକ ଆବଶ୍ୟକ କିନ୍ତୁ ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଅଛନ୍ତି ଅତିରିକ୍ତ ଜଣେ କ୍ରୀଡ଼ା ଶିକ୍ଷକ ଅଛନ୍ତି । ଏହାଛଡା ଏହି ବିଦ୍ୟାଳୟରେ ଅଫିସ କୋଠରୀ ମଧ୍ୟ ନାହିଁ ଯାହା ଯୋଗୁଁ ଅଫିସ ସାମଗ୍ରୀ ରଖି ପିଲାମାନଙ୍କୁ ବିପଦ ଜନକ ଭାବରେ ପାଠ ପଢାଉଛନ୍ତି ହେଲେ ମଧ୍ୟ ଏତିକିରେ ଦୁଃଖ ସରୁନାହିଁ ଅନ୍ୟାନ୍ୟ ପିଲାମାନେ ବାରଣ୍ଡାରେ ତଥା ଗଛମୂଳେ ପାଠ ପଢିବା ପାଇଁ ବାଧ ହେଉଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଏହି ଗୋଟିଏ ପରିସରରେ ଥିବା ପଞ୍ଚାୟତ ହାଇସ୍କୁଲ ଯୋଖିପାଲିକୁ ରାଜ୍ୟ ସରକାରଙ୍କ ତରଫରୁ ୫ଟି ସ୍କୁଲ ରୂପାନ୍ତରଣ କରାଯାଇଛି ସେଠାରେ ପିଲାମାନେ ଉଚ୍ଚସ୍ତରୀୟ ବାତାବରଣରେ ପଢୁଛନ୍ତି ଯାହାକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ନିଶ୍ଚିତ ଭାବରେ ହତାଶ କରୁଛି । ରାଜ୍ୟ ସରକାର ପର୍ଯ୍ୟାୟ କ୍ରମେ ପ୍ରାଥମିକ ବିଦ୍ୟାଳୟଗୁଡିକୁ ମଧ୍ୟ ୫ଟି ରୂପାନ୍ତରଣରେ ସାମିଲ କରୁଥିବାରୁ ଯୋଖିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଗ୍ରାଧିକାର ଭିତ୍ତିରେ ଏଥିରେ ସାମିଲ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବୀ କରିଛନ୍ତି ।


# ବ୍ଲକସ୍ତରୀୟ ଦିବ୍ୟାଙ୍ଗମାନଙ୍କ ଚିହ୍ନଟ ଶିବିର ଅନୁଷ୍ଠିତ



କଣ୍ଟାବାଞ୍ଜି, (ନିପ୍ର) : ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ କେନ୍ଦ୍ର ଓ ସର୍ବଶିକ୍ଷା ଅଭିଯାନ ବଲାଙ୍ଗିରଙ୍କ ମିଳିତ ଆନୁକୂଲ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସହାୟକ ଉପକରଣ ନିମନ୍ତେ ବ୍ଲକ ସ୍ତରୀୟ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଏହି ଅବସରରେ ସୁରେନ୍ଦ୍ର କୁମାର ପୁରୋହିତ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଡାକ୍ତର ସୁରେନ୍ଦ୍ର ଭୋଇ ମୁଖ୍ୟ ଅତିଥି, ଡାକ୍ତର ଅର୍କେଶ ପଟ୍ଟନାୟକ, ଡାକ୍ତର ଅମିତ ମିଶ୍ର, ଫକୀର ଚରଣ ବିଶି, ବିଆରସି, ସର୍ବ ଶିକ୍ଷା ଅଭିଯାନ ପ୍ରତିନିଧି ରାମପ୍ରସାଦ ମହାଲିଙ୍ଗ, ବିଜୟ କୁମାର ପାଣିଗ୍ରାହୀ, ବଡବାବୁ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଆରପି ସୁନିଲ କୁମାର ସାହୁ ସ୍ୱାଗତ ଅଭିଭାଷଣ ଓ ଜୁନିୟର ରେଡକ୍ରସ ପରାମର୍ଶ ଦାତା ବିରଞ୍ଚି ନାରାୟଣ ଦାଶ ମଞ୍ଚ ପରିଚାଳନା କରିଥିଲେ । ଦିବ୍ୟାଙ୍ଗମାନଙ୍କୁ ଏହା ସହାୟତା ନୁହେଁ ବରଂ ଏହା ତାଙ୍କର ଅଧିକାର ବୋଲି ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ । ଏହି ଶିବିରରେ ୧୦୦ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା କରାଯାଇଥିଲା । ଯେଉଁମାନେ ସହାୟକ ଉପକରଣ ପାଇବା ଯୋଗ୍ୟ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଛି ଯାହାକି ପରବର୍ତ୍ତୀ ସମୟରେ ଉପକରଣ ବଣ୍ଟନ କରାଯିବ । ପରିଶେଷରେ ବିଆର୍‌ପି ଜ୍ୟୋତି ବିକାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରଟିକୁ ସଫଳ କରିବାରେ ଶିକ୍ଷୟିତ୍ରୀ ଶୁଭଦୀପ୍ତା ଦାଶ, ସୁଦୀପ୍ତା ଜେନା, ଶିକ୍ଷକ ଅମରେନ୍ଦ୍ର କୁମାର ବାଗ, ପ୍ରେମରାଜ ପାଣିଗ୍ରାହୀ, ଗୁରୁ ପ୍ରସାଦ ଛତ୍ରିଆ, ସୁନିଲ ରଞ୍ଜନ ସଲତାର, ଅମୃତ କୁମ୍ଭାର, ରମେଶ ଚନ୍ଦ୍ର ସୁନା, ସୂର୍ଯ୍ୟରାମ ମାଝି, ଦେବେନ୍ଦ୍ର କୁମାର ଭୋଇ, ପ୍ରକାଶ ସେଲମା, ଜାନକୀରାମ ସାମବେଦମ, ପ୍ରସନ୍ନ ଲୁହା, ନିହିରୁ ତାଣ୍ଡି, ଶ୍ରୀକାନ୍ତ ବାଗ, ବିଜୟ ତାଣ୍ଡି, ସୁଶାନ୍ତ କୁମାର ପ୍ରଧାନ, ସରୋଜ କୁମାର ପୁରୋହିତ, ସତ୍ୟ ପ୍ରକାଶ ସାହୁ ସହଯୋଗ କରିଥିଲେ ।

# ଶ୍ରୀ ସତ୍ୟସାଇ ବାବାଙ୍କ ୯୬ତମ ଜନ୍ମଦିନ ପାଳନ



ଦେଓଗାଁ, (ନିପ୍ର) : ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଶ୍ରୀ ସତ୍ୟସାଇ ମନ୍ଦିର ଆମ୍ରକାନନରେ ମଙ୍ଗଳବାର ଦିନ ୯୬ତମ ବାର୍ଷିକ ଉତ୍ସବରେ ଉପଲକ୍ଷେ ନଗର ସଂକୀର୍ତ୍ତନ ପରେ ବିରଞ୍ଚି ନାରାୟଣ ପୁଟେଲ ଏବଂ ଜନକ ମେହେରଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇଥିଲା । ଅବନୀ ରଞ୍ଜନ ସାହୁଙ୍କ ସଂଯୋଜନାରେ କୁମାର ଷାଣ୍ଢ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟ ବକ୍ତାଭାବେ ଗୁରୁ ଦାମୋଦର ମିଶ୍ର ଗୀତା, ଭାଗବତ ଏବଂ ବେଦ ଉପରେ ଆଲୋକପାତ କରିଥିଲେ । ବକ୍ତାଭାବେ ଗୋବିନ୍ଦ ମେହେର, ଗୁରୁ ରାଜୁ ପୁଟେଲଙ୍କ ଦ୍ୱାରା ବାଳ ବିକାଶ କାର୍ଯ୍ୟକ୍ରମ ତୁଲାଇଥିଲେ । ଶେଷରେ ଶରତ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାରେ ସାମିଲ ହେଲା

## କନ୍ଧମାଳ : ମୁଖ୍ୟମନ୍ତ୍ରୀ ବାଣ୍ଟିଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ



କନ୍ଧମାଳ, (ନିପ୍ର) : କନ୍ଧମାଳ ଲେଖିଲା ବିକାଶର ନୂଆ କାହାଣୀ । ସ୍ମାର୍ଟ ସ୍ୱାସ୍ଥ୍ୟସେବାରେ ଯୋଡ଼ି ହୋଇଛି କନ୍ଧମାଳ ଜିଲ୍ଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଫୁଲବାଣୀ ଗସ୍ତ କରିବା ସହ କନ୍ଧମାଳ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନୂଆ ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାର ୧ ଲକ୍ଷ ୬୭ ହଜାର ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟକାର୍ଡରେ ଯୋଡ଼ି ହୋଇଛନ୍ତି । ଏଥିସହ ଜିଲ୍ଲାର ପ୍ରାୟ ୩ ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଦିନ ୧୧ଟାରେ ମୁଖ୍ୟମନ୍ତ୍ରୀ ଫୁଲବାଣୀ ମିନି ଷ୍ଟାଡିୟମରେ ପହଞ୍ଚିବା ସହ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟକାର୍ଡ । ପରେ ପରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ, ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିଥିଲେ । ବିଜୁ ସ୍ମାର୍ଟ କାର୍ଡ ବ୍ୟତୀତ ମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତିର ୧୮୯ଟି ପ୍ରକଳ୍ପ(୧୧ କୋଟି ୫୦ ଲକ୍ଷ ଟଙ୍କା), ରାସ୍ତା, କୋଠାବାଡି ଓ ସେତୁ ପାଇଁ ୩୪ଟି ପ୍ରକଳ୍ପ(୧୩୯ କୋଟି ଟଙ୍କା), ସ୍ୱାସ୍ଥ୍ୟ ସେବା ଓ ବିଦ୍ୟୁତ ଭିତ୍ତିଭୂମି ବିକାଶ ପାଇଁ ୪୪ କୋଟି ୮୧ ଲକ୍ଷ ଟଙ୍କାର ୨ଟି ପ୍ରକଳ୍ପ, ୪୮ ଲକ୍ଷ ଟଙ୍କା ମୂଲ୍ୟର ଦୁଇଟି ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି । ଯାହା ଦ୍ୱାରା କି ଆଗାମୀ ଦିନରେ କନ୍ଧମାଳ ଜିଲ୍ଲା ଉପାନ୍ତରୁ ବିକାଶର ଦ୍ୱାର ଦେଶରେ ପହଁଚିବ । ସେହିପରି ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ପ୍ରଦାନ କରିଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଭଳି ଏକ ଜନମଙ୍ଗଳକାରୀ କାର୍ଡକୁ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରିଥିବା ଯୋଜନାର ସଫଳ ରୂପାୟନ ବିଷୟରେ ବାର୍ତ୍ତା ରଖିଥିଲେ ମୁଖ୍ୟମନ୍ତ୍ରୀ ।

କନ୍ଧମାଳ ଜିଲ୍ଲା ଆଗାମୀ ଦିନରେ ଏକ ପ୍ରଗତିଶୀଳ ଜିଲ୍ଲାରେ ପରିଣତ ହେବ । ସାଧାରଣ ଲୋକଙ୍କ ଜୀବନଯାପନ ପକ୍ରିୟାରେ ପରିବର୍ତ୍ତନ ହୋଇଛି । କନ୍ଧମାଳର ହଳଦୀ ସମଗ୍ର ବିଶ୍ୱରେ ପରିଚୟକୁ ପ୍ରତିପାଦିତ କରିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ଜିଲ୍ଲାର ୧ ଲକ୍ଷ ୬୭ ହଜାର ହିତାଧିକାରୀ ସଭିଏଁ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡରେ ଚିକିତ୍ସିତ ହୋଇପାରିବେ । ସାଧାରଣ ଗରିବ ଲୋକଟିଏ ଯେପରି ଉନ୍ନତ ଚିକିତ୍ସା ପାଇ ପାରିବ, ତାହା ହିଁ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ସ୍ୱାସ୍ଥ୍ୟ ପାଇଁ ଜମି, ଅଳଙ୍କାର ଆଦି ବିକ୍ରୟ କରିବାକୁ ପଡୁଥିଲା । ତାହା ମୁଖ୍ୟମନ୍ତ୍ରୀଙ୍କୁ ବ୍ୟଥିତ କରିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ଯେଉଁଥିପାଇଁ ଏଭଳି ଏକ ଅଭିନବ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ସରକାର ପହଁଚାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଓ କନ୍ଧମାଳ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏବଂ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ରହିବା ସହ ସାଧାରଣ ଲୋକଙ୍କୁ ଉଦ୍‌ବୋଧନ ପ୍ରଦାନ କରିଥିଲେ । ସେପଟେ ସୁରକ୍ଷାକୁ ନଜରରେ ରଖି ୧୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।

# ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବଙ୍କ ବୌଦ୍ଧ ଗସ୍ତ



ବୌଦ୍ଧ, (ନିପ୍ର) : ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ, ୟୁନିସେଫ ରାଜ୍ୟ ପରାମର୍ଶଦାତ୍ରୀ ଦେବୀକା ସାହୁ, ପ୍ରୋଗ୍ରାମ ମ୍ୟାନେଜର (ଓଏସ୍‌ସିପିସିଆର) ପ୍ରତିକାନ୍ତ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇଙ୍କ ସହ ହରଭଙ୍ଗା ବ୍ଲକର ସମନ୍ୱିତ ଶିଶୁ ବିକାଶ କେନ୍ଦ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ୱାନ ଷ୍ଟପ ସେଣ୍ଟର(ସଖୀ), ସ୍ୱଧାର ଗୃହ ଓ ଶିଶୁ ଯତ୍ନ ଅନୁଷ୍ଠାନ ଇତ୍ୟାଦି ବୁଲି ତଦାରଖ କରିଥିଲେ । ପରେ ପରେ ବୌଦ୍ଧ ବ୍ଲକର ଓଲଣ୍ଡା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ ଓ କିଶୋରୀ ବାଳିକା ଏବଂ ମମତା ମା'ମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଶେଷରେ ଜିଲ୍ଲାପାଳ ଲଳାଟେନ୍ଦୁ ମିଶ୍ରଙ୍କ ସହିତ ସାକ୍ଷାତ କରି ଜିଲ୍ଲାରେ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ଆଲୋଚନା କରିଥିଲେ ।

# ବିଭାଗୀୟ ଗୃହ କମିଟି ବୈଠକ ଅନୁଷ୍ଠିତ

## - ଧାନ ବିକିବା ପାଇଁ ଚାଷୀ ହଇରାଣ ନ ହେଉ : ନରସିଂହ



ବଲାଙ୍ଗିର, (ନିପ୍ର) : ଆଜି ସ୍ଥାନୀୟ ସର୍କିଟ ହାଉସଠାରେ ବିଧାନସଭା ଗୃହ କମିଟିର ବିଭାଗୀୟ ଷ୍ଟାଣ୍ଡିଂ କମିଟି ୬ର ଦ୍ୱିତୀୟ ଦିନର ବୈଠକ ବଲାଙ୍ଗିର ବିଧାୟକ ତଥା କମିଟିର ଅଧ୍ୟକ୍ଷ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବଲାଙ୍ଗିର ଜିଲ୍ଲାରେ ଆଗାମୀ ୨୯ ତାରିଖରୁ ଧାନକିଣା ଯିବ ବୋଲି ଜିଲ୍ଲାସ୍ତରୀୟ ଧାନକିଣା ପ୍ରସ୍ତୁତି ବୈଠକରେ ଦିନ ଧାର୍ଯ୍ୟ ହୋଇଥିଲା । ତେଣୁ ସେ ଅନୁସାରେ ଧାନକିଣା ସମ୍ବନ୍ଧୀୟ ବିଭାଗଗୁଡିକଙ୍କ ପ୍ରସ୍ତୁତି କେଉଁ ସ୍ତରରେ ପହଞ୍ଚିଛି, ଚାଷୀଙ୍କୁ ସୂଚନା ଦିଆଯାଇଛି କି ନାହିଁ, ଟୋକନ କେବେ ଆସିବ, ଟୋକନ ଯଦି ସମୟ ବିଳମ୍ବ ଯୋଗୁଁ ଲେପ୍ସ ହୋଇଯାଏ ତାର ବିହିତ ବ୍ୟବସ୍ଥା କିପରି ହେବ, ଚାଷୀମାନଙ୍କୁ ଧାର୍ଯ୍ୟ ତାରିଖରୁ ୭ ଦିନ ପୂର୍ବରୁ ଧାନକିଣାକୁ ନେଇ ସମସ୍ତ ସୂଚନା ଦିଆଯାଇଛି କି ନାହିଁ ସେ ଉପରେ ଅଧ୍ୟକ୍ଷ ଶ୍ରୀ ମିଶ୍ର ଏହି ବୈଠକରେ ତନ୍ନ ତନ୍ନ କରି ପଚାରି ବୁଝିଥିଲେ । ଠିକ୍ ସେହିପରି କଳାହାଣ୍ଡି ଜିଲ୍ଲାରେ ଆଗାମୀ ୨୫ ତାରିଖରୁ ଧାନକିଣା ଯିବ ଏବଂ ସେହି ଜିଲ୍ଲାରେ ବିଭାଗ କେତେ ଦୂର ପ୍ରସ୍ତୁତ ରହିଛି ସଦସ୍ୟ ପ୍ରଦୀପ କୁମାର ଦିସାରି ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ । ଆଶ୍ଚର୍ଯ୍ୟର କଥା ଯେ କଳାହାଣ୍ଡି ଜିଲ୍ଲା ଧାନ ଅମଳରେ ବଲାଙ୍ଗିର ଜିଲ୍ଲାକୁ ଦେଖିଲେ ବେଶି ଅମଳ କରେ କିନ୍ତୁ କଳାହାଣ୍ଡି ଜିଲ୍ଲାରେ ଆଶ୍ଚର୍ଯ୍ୟଜନକ ଭାବେ ଧାନକିଣା କେନ୍ଦ୍ର ସଂଖ୍ୟା କମ୍ କାହିଁକି ବୋଲି ଅଧ୍ୟକ୍ଷ ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ଆହୁରି ମଧ୍ୟ କଳାହାଣ୍ଡି ଜିଲ୍ଲାରେ ଧାନକିଣା ତାରିଖ ୨୫ ତାରିଖକୁ ଧାର୍ଯ୍ୟ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ବି ତଥ୍ୟ ଧାନକିଣା କେନ୍ଦ୍ର କି ଚାଷୀ ପାଖରେ ଚାଷୀମାନେ ତାଙ୍କ ଧାନ କେଉଁଠାରେ ବିକିବେ, ସେ ଜାଗାର ସେମାନେ ପାଉଥିବା ସୁବିଧା ସୁଯୋଗ ବାବଦରେ ଚାଷୀଙ୍କୁ ଜଣାନ୍ତୁ ବୋଲି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସିସି କ୍ୟାମେରାକୁ ନେଇ ଅଧ୍ୟକ୍ଷଙ୍କ ପ୍ରଶ୍ନରେ ବଲାଙ୍ଗିର ଜିଲ୍ଲାରେ ପ୍ରାୟତଃ ୯୫ ପ୍ରତିଶତ ଧାନକ୍ରୟ କେନ୍ଦ୍ରରେ ସିସି କ୍ୟାମେରା ଲାଗି ସାରିଛି ବାକି ଥିବା ଜାଗାରେ ୨୯ ତାରିଖ ପୂର୍ବରୁ ସିସି କ୍ୟାମେରା ସ୍ଥାପନ କରାଯିବ ବୋଲି ଭାରପ୍ରାପ୍ତ ଡିଆର୍‌ସିଏସ୍ ଉତ୍ତର ରଖିଥିଲେ କିନ୍ତୁ ଦୁଃଖର ବିଷୟ ଯେ କଳାହାଣ୍ଡି କିମ୍ବା ଆଖ ପାଖ ଜିଲ୍ଲାର ଧାନକିଣା କ୍ରୟ କେନ୍ଦ୍ରମାନଙ୍କରେ ସିସି ଟିଭି ଲାଗିବାର ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିନଥିବା ସୂଚନା ମିଳିଥିଲା । ବୈଠକ ସମୟରେ ଉପସ୍ଥିତ ଥିବା ଡିଆର୍‌ସିଏସ୍, ଯୋଗାଣ ଅଧିକାରୀ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଅଧ୍ୟକ୍ଷ ଓ ସଦସ୍ୟଙ୍କ ଧାନକିଣା ସମସ୍ୟାକୁ ନେଇ ପ୍ରଶ୍ନର ଉତ୍ତର ଠିକ୍ ହିସାବରେ ଦେଉନଥିବା ବେଳେ ଧାନ ବିକିବାରେ କୌଣସି ସମସ୍ୟା ଯେପରି ନ ଉପୁଜିବ ତାର ସମାଧାନ ପାଇଁ ଆଗାମୀ ୩୦ ତାରିଖରେ ଭୁବନେଶ୍ୱରରେ ବିଭାଗୀୟ ଗୃହ କମିଟିର ପୂର୍ଣ୍ଣାଙ୍ଗ କମିଟିର ବୈଠକ ଡାକିବାକୁ ନିଷ୍ପତ୍ତି ହୋଇଥିଲା । ଧାନକିଣା ସମ୍ବନ୍ଧୀୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ବୈଠକରେ ସମସ୍ତ ସୂଚନା ଓ ପ୍ରସ୍ତୁତି ସହ ଉପସ୍ଥିତ ରହିବାକୁ ଅଧ୍ୟକ୍ଷ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ବୈଠକରେ ଧାନକିଣା ସମ୍ବନ୍ଧୀୟ ସମସ୍ତ ଅଧିକାରୀଙ୍କ ବ୍ୟତିତ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଲାଗୁରି, ଉପଜିଲ୍ଲାପାଳ ଲମ୍ବୋଦର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ସହର ସେବା ସମିତି ପକ୍ଷରୁ ଡ. ହରେକୃଷ୍ଣ ମହତାବଙ୍କ ୧୨୨ତମ ଜୟନ୍ତୀ ପାଳିତ




ରାଉରକେଲା, (ନିପ୍ର) : ରାଉରକେଲା ସହର ସେବା ସମିତି ପକ୍ଷରୁ ଏହାର ପ୍ରତିଷ୍ଠା ଦିବସ ତଥା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୨ ତମ ଜୟନ୍ତୀ ହୋଟେଲ ସୋଲେସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସହର ସେବା ସମିତିର ଆବାହକ ତଥା ପୂର୍ବତନ ସାଂସଦ ଓ ବିଧାୟକ ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ସୁପୁତ୍ର ଶୈଳେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ମହତାବଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଏହି ମହାପୁରୁଷଙ୍କ ସ୍ମୃତିଚାରଣ କରାଯାଇଥିଲା । ଆଧୁନିକ ଓଡିଶାର ନିର୍ମାତା ଡ. ମହତାବଙ୍କ ଅବଦାନ କେବଳ ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା ବା ହୀରାକୁଦ ବନ୍ଧ ଭଳି ବୃହତ ପ୍ରକଳ୍ପରେ ନୁହେଁ, ରାଉରକେଲା ସମେତ ଓଡିଶାର କୋଣ ଅନୁକୋଣରେ ରହିଛି ବୋଲି ବକ୍ତାମାନେ କହିଥିଲେ । ରାଜ୍ୟରେ ସ୍କୁଲ, କଲେଜ, ଡାକ୍ତରଖାନା, ରାସ୍ତାଘାଟ ନିର୍ମାଣ, ସାଂସ୍କୃତିକ ଅନୁଷ୍ଠାନ, ଆକାଶବାଣୀ ପ୍ରତିଷ୍ଠା ସମେତ ରାଜ୍ୟର ସର୍ବାଙ୍ଗୀନ ବିକାଶ କରି ଆଧୁନିକ ଓଡିଶାର ନିର୍ମାଣ କରିଥିଲେ । ସଚେତନ ନାଗରିକ ମଞ୍ଚର ପ୍ରତିଷ୍ଠାତା ପି.ପି. ରାୟ ଡକ୍ଟର ମହତାବଙ୍କୁ ଓଡିଶାର 'ବିସମାର୍କ' ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଶ୍ରବଣ ପାରିକ ବିବରଣୀ ପାଠ ଅବସରରେ ମହତାବଙ୍କ ଜୟନ୍ତୀ ପାଳନ ସହ ପ୍ରତିବର୍ଷ ପ୍ରତିଷ୍ଠା ଦିବସ ମହାସମାରୋହରେ ହେଉଥିଲେ ମଧ୍ୟ କରୋନା ପାଇଁ ସମସ୍ୟା ହୋଇଛି, ତେବେ ସଦସ୍ୟଙ୍କ ପ୍ରସ୍ତାବ କ୍ରମେ ଏଥରର ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୨୭ରେ ହେବ ବୋଲି ସୂଚନା ଦେଇଥିଲେ । କାର୍ଯ୍ୟକାରୀ ସଭାପତି ତଥା ଚେମ୍ବର ଅଫ କମର୍ସର ପ୍ରାକ୍ତନ ସଭାପତି ସୁନୀଲ କାୟଲ ମହାତାବଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସହର ସେବା ସମିତିର ଭବିଷ୍ୟତ କାର୍ଯ୍ୟକ୍ରମ ଉପରେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଜଟାଧାରୀ ମାଝୀ ଯୋଗଦେଇ ମହତାବଙ୍କୁ ଜଣେ ଦୂରଦ୍ରଷ୍ଟା ଓ ବିଚକ୍ଷଣ ରାଜନେତା ବୋଲି ଉଲ୍ଲେଖ କରି ତାଙ୍କ ଆଦର୍ଶରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନର ସଫଳତା କାମନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପା ଲେଙ୍କା, ସ୍ମିତା ମିଶ୍ର, ଅଞ୍ଜଳି ଦାଶ, ରାଜୀବ ସିଂ, ଭକ୍ତି ରଞ୍ଜନ ସ୍ୱାଇଁ, ଅଶେଷ ମଣ୍ଡଳ, ଶଙ୍କର ସରକାର, ରମାକାନ୍ତ ପାଣ୍ଡେ, ପ୍ରତାପ ପାଢ଼ୀ, ପ୍ରଫୁଲ୍ଲ ନାୟକ, ରାଜେଶ ବାନାର୍ଜୀ, ଦିଗମ୍ବର ମହାନ୍ତି, ସୁଧୀର ପଟ୍ଟନାୟକ ଏବଂ ଅନ୍ୟମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ଦରଦାମ ବୃଦ୍ଧି ପ୍ରତିବାଦରେ ପାଟଣାଗଡ ବିଜୁ ମହିଳା ଜନତା ଦଳର ବିକ୍ଷୋଭ ଶୋଭାଯାତ୍ରା



ପାଟଣାଗଡ, (ନିପ୍ର) : ଅତ୍ୟାବଶ୍ୟକ ସାମଗ୍ରୀଗୁଡିକର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ପାଟଣାଗଡ଼ ବିଜେଡି ପକ୍ଷରୁ ସ୍ଥାନୀୟ ଭୋଲାନାଥ କଲ୍ୟାଣ ମଣ୍ଡପରୁ ଏକ ଶୋଭାଯାତ୍ରା ବାହାରି ନାରାବାଜି ଦେଇ ଶତାଧିକ ମହିଳା ଓ ପୁରୁଷ କର୍ମୀ ହାତରେ ପ୍ଲାକାର୍ଡ ଧରି ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଏହି ପ୍ରତିବାଦ ସଭାରେ ପାଟଣାଗଡ଼ ନଗର ବିଜେଡି ମହିଳା ଯୁବ ସଂଗଠିକା ସଭାନେତ୍ରୀ ବିତିସ୍ମିତା ମହାକୁର, ଯୁବ ସଭାପତି ପରେଶ ସାହୁ, ଛାତ୍ର ବିଜୁଜନତା ଦଳର ସଭାପତି ସୁକୁମାର ବାରିକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦରଦାମ୍ ବୃଦ୍ଧିକୁ ନିନ୍ଦା କରିବା ସହ କେନ୍ଦ୍ର ସରକାରଙ୍କ ଉଜ୍ୱଳା ଯୋଜନା ଫେଲ ମାରିଛି ବୋଲି କହିଥିବା ବେଳେ ରନ୍ଧନ ଗ୍ୟାସ୍ ଅହେତୁକ ମୂଲ୍ୟ ବୃଦ୍ଧିକୁ କଡା ସମାଲୋଚନା ମଧ୍ୟ କରିଥିଲେ ।

ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଟଣାଗଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରୀ ମହନ୍ତଙ୍କ ଅନୁପସ୍ଥିତି ହେତୁ ସହକାରୀ ଜିଲ୍ଲାପାଳ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଏହି ଗଣଧାରଣା ଓ ବିକ୍ଷୋଭରେ ଅନ୍ୟ ମାନଙ୍କ ମଧ୍ୟରେ ବିଜୁ ମହିଳା ଦଳର ସବିତା ମେହେର, କସ୍ତୁରୀ ସେଠ, ସଂଯୁକ୍ତା ବନଗୁଲା, କନକ କୁମ୍ଭାର, ସୁଜାତା ପ୍ରଧାନ, ରିଙ୍କି ଦୀପ, ପଦ୍ମାମୁଣ୍ଡା, ଗଣ୍ଡାରାମ ବେହେରା, ବିରେନ୍ଦ୍ର ସେଠଙ୍କ ସମେତ ବିଜୁ ମହିଳା ଜନତା ଦଳର ବହୁ ମହିଳା କର୍ମୀ ସାମିଲ ହୋଇଥିଲେ ।

# ଭିଜିଲାନ୍ସ ଜାଲରେ ସୁପର ଭାଇଜର ଦିଦି



ନୂଆପଡା, (ନିପ୍ର) : ଭିଜିଲାନ୍ସ ଜାଲରେ ସୁପର ଭାଇଜର ଦିଦି । ଅଙ୍ଗନୱାଡ଼ି ଚାକିରୀ କରାଇ ଦେବା ପାଇଁ ୮୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡିଛନ୍ତି ସିନାପାଲି ଚଟିଆଗୁଡ଼ା ସେକ୍ଟର ସୁପର ଭାଇଜର ହର୍ଷମଣି ମହାନନ୍ଦ । ସୂଚନା ଅନୁସାରେ ସିନାପାଲି ସାଗୁନଭାଡି ସେକ୍ଟର ଅଙ୍ଗନୱାଡି କେନ୍ଦ୍ର ଦୁଇର ଅଙ୍ଗନୱାଡି ପଦବୀ ପାଇଁ ଆବେଦନକାରୀଙ୍କଠାରୁ ଚାକିରି କରାଇ ଦେବା ପାଇଁ ଚଟିଆଗୁଡ଼ା ସେକ୍ଟର ସୁପର ଭାଇଜର ୮୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିନାପାଲି ସହର ସ୍ଥିତ ବସଷ୍ଟାଣ୍ଡ ନିକଟରେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । କଳାହାଣ୍ଡି ନୂଆପଡା ନବରଙ୍ଗପୁର ଭିଜିଲାନ୍ସ ଦଳ ଏକାକୀ ଏଥିରେ ସାମିଲ ଥିଲେ ।

# ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ବିରୁଦ୍ଧରେ ବିଜେଡିର ବିକ୍ଷୋଭ

## ନାରୀଙ୍କ ପାଇଁ ପରିହାସ ପାଲଟିଛି ଉଜ୍ଜ୍ୱଳା ଯୋଜନା : ବିଜେଡି



ବଲାଙ୍ଗିର, (ନିପ୍ର) : ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧିକୁ ନେଇ ଆଜି ସାରା ରାଜ୍ୟରେ ବିଜେଡି କେନ୍ଦ୍ରର ମୋଦୀ ସରକାରଙ୍କୁ ଘେରିଛି । ସେହି କ୍ରମରେ ଆଜି ବଲାଙ୍ଗିର ବିଜୁ ଜନତା ଦଳର ଶତାଧିକ କର୍ମକର୍ତ୍ତା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ରନ୍ଧନ ଗ୍ୟାସର ଅହେତୁକ ଦରଦାମ୍ ବୃଦ୍ଧି ଉପରେ ବର୍ଷିଛନ୍ତି । ତା'ସହ ଜିଲ୍ଲା ବିଜେଡି ତରଫରୁ ଏ ସଂକ୍ରାନ୍ତିୟ ଏକ ଦାବୀପତ୍ର ମହାମାହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଉଜ୍ଜ୍ୱଳା ଯୋଜନାରେ କେନ୍ଦ୍ର ସରକାର ଦେଶର ସମସ୍ତ ଗୃହିଣୀଙ୍କୁ ବିନା ମୂଲ୍ୟରେ ରନ୍ଧନ ଗ୍ୟାସ ଯୋଗାଇ ଦେବା ସହ କେନ୍ଦ୍ର ସରକାର ଏହା ମାଧ୍ୟମରେ ନାରୀଙ୍କୁ ସମ୍ମାନ ଯୋଗାଇଛନ୍ତି ବୋଲି ନିଜ ପିଠି ଥାପଡାଉଥିଲେ । ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଯୋଗୁଁ ଗୃହିଣୀମାନେ ଗ୍ୟାସ ଭର୍ତ୍ତି କରିବାକୁ ଅକ୍ଷମ ହେଉଥିବା ବେଳେ ଏହି ଯୋଜନା ଏବେ ସେମାନଙ୍କ ପାଇଁ ପରିହାସ ପାଲଟିଛି ବୋଲି ବିଜେଡି ରାଜ୍ୟ ଉପସଭାପତି ଅନଙ୍ଗ ଉଦୟ ସିଂ ଦେଓ, ବରିଷ୍ଠ ସଂପାଦକ କଳିକେଶ ସିଂ ଦେଓ ଓ ଯୁବନେତା ଅର୍କେଶ ସିଂଦେଓ ଏହି ଗଣ ଧାରଣାରେ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଛନ୍ତି । ବିଜେଡି ତରଫରୁ ଆହୁରି କୁହାଯାଇଛି ଯେ, ଗତ ସାଢେ ତିନି ବର୍ଷରେ ରନ୍ଧନ ଗ୍ୟାସ ଦର ୭୦% ବୃଦ୍ଧି ହୋଇଥିବା ବେଳେ ୩୭୬ ଟଙ୍କା ବଢି ଏବେ ୯୨୬ ଟଙ୍କାରେ ମିଳୁଛି । ଯାହା ସାଢେ ଚାରିକୋଟି ଓଡିଶାବାସୀଙ୍କୁ ଅସହ୍ୟ ହେଉଛି । ଫଳରେ ଲୋକେ ରନ୍ଧନ ଗ୍ୟାସ ବ୍ୟବହାର କରିବା ପରିବର୍ତ୍ତେ ଜାଳେଣୀ ପାଇଁ ପୂର୍ବପରି କାଠ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ବିଜୁ ଜନତା ଦଳ କେନ୍ଦ୍ର ସରକାରଙ୍କ ଏହି ଅହେତୁକ ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ତିବ୍ର ବିରୋଧ କରିବା ସହ ଓଡିଶାବାସୀଙ୍କୁ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇଦେବା ପାଇଁ ଦୃଢ ଦାବୀ କରୁଛି । କେନ୍ଦ୍ର ସରକାର ଉକ୍ତ ଦାବୀକୁ ଗୁରୁତ୍ୱର ସହ ନେଇ ଆଗାମୀ ଦିନରେ ରନ୍ଧନ ଗ୍ୟାସ ଦର ନ ଖସାଇଲେ ବିଜେଡି ଆହୁରି ଦୁର୍ବାର ଆନ୍ଦୋଳନ କରିବ ବୋଲି ବିଜେଡି କହିଛି ।

ଆଜିର ଏହି ବିକ୍ଷୋଭ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ମହିଳା ସଭାପତି ଯଶୋବନ୍ତି ବାଗ, ଯୁବ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ସନ୍ତୋଷିନୀ ବେହେରା, ମମତା ଜେନା, ଲିପିଶ୍ରୀ ସାଏ, ନନ୍ଦିନୀ ପୋଢ, ରିତିକା ବେହେରା, ତୃପ୍ତି ପ୍ରଧାନ, ଗୋଲାପି ବରାଡ, କୈଳାସ ମହାନ୍ତି ଓକାର ନାୟକ, ଜୟରାମ ମିଶ୍ର, ପ୍ରିୟବର୍ତ୍ତ ନାଥ, ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ଶାନ୍ତନୁ ଭୋଇ, ସାଗର ସଙ୍ଗମ ଶତପଥି, ସନ୍ତୋଷ ଦନ୍ତା, ଅଶୋକ ତାଣ୍ଡି, ମହେନ୍ଦ୍ର ବାଗ, ଶିବ ପ୍ରସାଦ ବେହେରା, ସଞ୍ଜିବ ମିଶ୍ର, ଭଗବାନ ବଗର୍ତ୍ତି, ପ୍ରଦିପ ସାହୁ, ଅଶୋକ ମିଶ୍ର, ଶମ୍ଭୁ ନାଗ, ସୁମନ ନନ୍ଦ, ସୁନ୍ଦର ବିଶି, ଦିପକ ପଣ୍ଡା, ଗୋବିନ୍ଦ ଶତପଥୀ, ବିରସେନ ସାହୁ ଓ ଶତୃଘ୍ନ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଛାତ୍ର କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ବଲାଙ୍ଗିର, (ନିପ୍ର) : ସମ୍ବିଧାନ ଦିବସ ଅବସରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟଠାରେ ଛାତ୍ର କଂଗ୍ରେସ କମିଟି ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବାବା ସାହେବ ଭୀମ ରାଓ ଆମ୍ବେଦକର ଓ ସମ୍ବିଧାନ ସଭା ସଦସ୍ୟ ବଲାଙ୍ଗିର ମାଟିର ବୀର ପୁତ୍ର ସ୍ୱର୍ଗୀୟ ଯୁଧିଷ୍ଠିର ମିଶ୍ରଙ୍କୁ ଛାତ୍ରମାନେ ମନେ ପକାଇବା ସହ ସେମାନଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଏହା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ର କଂଗ୍ରେସ କମିଟି ସଭାପତି ଶୁଭେନ୍ଦୁ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅଙ୍କିତ ସାହୁ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ଅଜିତ ମହାନନ୍ଦ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ର କଂଗ୍ରେସ କମିଟି ଉପସଭାପତି ଅଂଚଳ ପଣ୍ଡା ଓ ସାଧାରଣ ସମ୍ପାଦକ ସରୋଜ ପଧାନଙ୍କ ସହିତ ଅନେକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।






# କୃଷକ ଆନ୍ଦୋଳନର ଏକ ବର୍ଷ ପୂର୍ତ୍ତି ପାଳନ ସହ କେତେକ କୃଷି ଦାବୀକୁ ନେଇ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା



ବଲାଙ୍ଗିର, (ନିପ୍ର) : ସଂଯୁକ୍ତ କିଷାନ ମୋର୍ଚ୍ଚାର ମୁଖ୍ୟତଃ ୩ କୃଷି ଆଇନକୁ ନେଇ ଆଜିକୁ ବର୍ଷ ହେବ ଦିଲ୍ଲୀରେ ଲଢେଇ ଜାରି ରହିଛି । ଯାହା ସାରା ଭାରତ ବର୍ଷର କୋଣ ଅଣୁକୋଣରେ ଆନ୍ଦୋଳନର ରୂପ ନେଇଛି । ଫଳ ସ୍ୱରୁପ ବଲାଙ୍ଗିରରେ ମଧ୍ୟ ଜୟ କିଷାନ ଆନ୍ଦୋଳନ ସହିତ ଅନେକ କୃଷକ ସଂଗଠନ କିଷାନ ମୋର୍ଚ୍ଚା ଆନ୍ଦୋଳନରେ ସାମିଲ ହୋଇ ରାଜ ରାସ୍ତାକୁ ଓହ୍ଲାଇ ବିଭିନ୍ନ ସମୟରେ କୃଷକଙ୍କ ଦାବୀକୁ ରଖି ଆସୁଛନ୍ତି । ଆନ୍ଦୋଳନର ଏକ ବର୍ଷ ପୂର୍ତ୍ତି ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୟ କିଷାନ ଆନ୍ଦୋଳନ, ଏଆଇକେକେଏମ୍ଏସ୍, କୃଷକ ସଂଘର୍ଷ ଅଧିକାର ମଂଚ ଓ କୃଷକ ସେନା ପକ୍ଷରୁ ଧାରଣା ଦିଆଯାଇଥିଲା । ଧାରଣା ସ୍ଥଳରେ ପ୍ରଥମେ ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ୭୫୦ରୁ ଅଧିକ ଚାଷୀ ଶହୀଦ ହୋଇଥିବା ସହିତ ବିଭିନ୍ନ ରାଜ୍ୟରେ ଶହୀଦ ହୋଇଥିବା ଚାଷୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ଏହି ଧାରଣା ସ୍ଥଳର ସଭାକୁ ଜୟ କିଷାନ ଆନ୍ଦୋଳନର ଆବାହକ ସତ୍ୟ ବନଛୋର ଅଧକ୍ଷତା କରି ୩ କୃଷି ବିଲ୍‌କୁ ନେଇ କେନ୍ଦ୍ର ସରକାର ଏକ ବର୍ଷ ପରେ ଅନ୍ନଦାତା ଆଗରେ କ୍ଷମା ମାଗିବାକୁ ବାଧ୍ୟ ହେବା ସହିତ ଆଇନ ପ୍ରତ୍ୟାହାର କରିବାକୁ ପ୍ରତିସୃତି ଦେଇଛନ୍ତି । କେନ୍ଦ୍ର ଆହୁରି କହିଛି କି ଏକ କମିଟି ଗଠନ କରାଯିବ ଏବଂ ତା'ର ପୁଣି ଆଲୋଚନା କରାଯାଇ ନିଷ୍ପତି ନିଆଯିବ; ଏହା ଦ୍ୱାରା ତାର ହୁସିଆର ପଣିଆ ପଦାରେ ପଡିଯିବ । କିନ୍ତୁ ଯେତେ ଦିନ ପର୍ଯ୍ୟନ୍ତ ପାର୍ଲିଆମେଣ୍ଟରେ ଫେରେଇ ନେବାର ଆଇନ ପାରିତ ନ ହୋଇଛି ସେତେ ଦିନ ସଂଗ୍ରାମ ଜାରି ରହିବା ସହିତ ଏମ୍ଏସ୍‌ପିର ଆଇନଗତ ବ୍ୟବସ୍ଥାକୁ ନେଇ ନିଜର ମତ ରଖିଥିଲେ । ବିଦ୍ୟୁତ ସଂଶୋଧନ ବିଲ ୨୦୨୧ ପ୍ରତ୍ୟାହାର, ଶହୀଦ ପରିବାରକୁ କ୍ଷତିପୂରଣ, କୃଷକ ଆନ୍ଦୋଳନରେ ହୋଇଥିବା ମାମଲାର ପ୍ରତ୍ୟାହାର ଲକ୍ଷ୍ମୀପୁର ଖେରୀ ଘଟଣାରେ ଅଭିଯୁକ୍ତ କେନ୍ଦ୍ର ସ୍ୱରାଜ ମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବହିସ୍କାର ସହିତ ଜିଲ୍ଲାର ସଂପୂର୍ଣ୍ଣ ମରୁଡି ଘୋଷାଣାକୁ ନେଇ ଉପସ୍ଥିତ କୃଷକ ନେତୃ ମଣ୍ଡଳୀରୁ ପ୍ରକାଶ ପାଇଥିଲା । ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜୟ କିଷାନ ଆନ୍ଦୋଳନର ଆବାହକ ମଣ୍ଡଳୀର ବାଳକୃଷ୍ଣ ଶାଣ୍ଢ, ବ୍ୟାସଦେବ ଥନାପତି, ସୌରି କୁମାର ସାହୁ, ଜଗନ୍ନାଥ ମାହାଣା ଏଆଇକେକେଏମ୍ଏସ୍ ସଭାପତି ଶୁନୀଲ ଭୋଇ, ବିକାଶ ଜେନା, ଟୁନା ମିଶ୍ର, ଆଇନଜ୍ଞ ଅନନ୍ତ ବିଶ୍ୱାଳ, ରାଜେଶ ବଗର୍ତ୍ତୀ, କପିଳ କୁମାର ପ୍ରମୁଖ ନିଜର ବକ୍ତବ୍ୟ ମାନ ରଖିଥିଲେ ।

# ସେଞ୍ଚୁରିଅନରେ ସମ୍ବିଧାନ ଦିବସ ପାଳିତ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ସେଞ୍ଚୁରିଅନ ପବ୍ଲିକ ସ୍କୁଲର କଳା ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ଛାତ୍ର ଅଙ୍କିତ ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିବା ବେଳେ ପଲ୍ଲବୀ ପ୍ରିୟଦର୍ଶିନୀ ମେହେର ଓ ବିକାଶ ତିୱାରୀ ସମ୍ବିଧାନ ଦିବସ ବିଷୟରେ ପିପିଟି ପ୍ରଦର୍ଶନ କରିଥିଲେ । ଏହି ସମୟରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମ ଓଡିଶା ବ୍ୟୁରୋ ଚିପ୍ ଓଟିଭି ମନରଞ୍ଜନ ଯୋଶୀ, ଅନ୍ୟତମ ଅତିଥି ଇଂରାଜୀ ଖବର କାଗଜ ପାଓନୀର ସାମ୍ବାଦିକ ସୁଧୀର ମିଶ୍ର ସମ୍ବିଧାନ ଦିବସ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରୀ ରାଶିକା, ପଲ୍ଲବୀ ପ୍ରିୟଦର୍ଶିନୀ, ଅନୁଷ୍କା, ପ୍ରତିଥି, ଛାତ୍ର ଅରମାନ ସମ୍ବିଧାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଦିବସ ଉପଲକ୍ଷେ ଚିତ୍ରାଙ୍କନ, ସଂଗୀତ, ରଙ୍ଗୋଲି, ବକ୍ତୃତା ପ୍ରତିଯୋଗିତା ଆୟୋଜନ ହୋଇଥିଲା ।

କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଛାତ୍ର ଅଙ୍କିତ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ । ସେଞ୍ଚୁରିଅନ ପବ୍ଲିକ ସ୍କୁଲର ଉପଅଧକ୍ଷ୍ୟା ପୁଣ୍ୟତୋୟା ବିଶ୍ୱାଳ, ମଞ୍ଜୁଲତା ପଳେଇ, ରାଜୀବ କୁମାର ନାୟକ, ସୁଶାନ୍ତ ସେଠ ସହଯୋଗ କରିଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com



ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu